ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 6 | 05 - 11 February 2023 | Sambalpur | Page- 8 | Invitation Price Rs.10

# କେନ୍ଦ୍ର ବଜେଟରେ ମଧ୍ୟବିତ୍ତଙ୍କୁ ଫୋକସ- ଭିତ୍ତିଭୂମିକୁ ଗୁରୁତ୍ୱ

ନୂଆଦିଲ୍ଲୀ: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ବଜେଟ ଉପସ୍ଥାପନ କରିଛନ୍ତି । ବଜେଟରେ ଅର୍ଥମନ୍ତ୍ରୀ ବିଶେଷକରି ମଧ୍ୟବିତ୍ତଙ୍କୁ ଫୋକସରେ ରଖୁଥିବା ବେଳେ ଭିତ୍ତିଭୂମିକୁ ଗୁରୁତ୍ୱ ଦେଇଛନ୍ତି । ଏଥିଲାଗି ଆୟକର ସ୍ଲାବରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି । ପୂର୍ବରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିବିଶେଷଙ୍କ ଲାଗି ଟିକସ ଛାଡ଼ଥିବା ବେଳେ ଚଳିତ ଥର ଅର୍ଥମନ୍ତ୍ରୀ ଏହି ସୀମା ୭ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି ।

ବଜେଟରେ ସରକାର ୭ଟି ସ୍ତମ୍ଭକୁ ଗୁରୁତ୍ୱ ଦେଇଛନ୍ତି । ପ୍ରଥମତଃ ପଛୁଆ ବର୍ଗ, ମହିଳା ଓ ଦିବ୍ୟାଙ୍ଗଙ୍କର ସାମଗ୍ରିକ ବିକାଶ, ଦ୍ୱିତୀୟତଃ ସବୁଜ ବିକାଶ, ତୃତୀୟରେ ଯୁବଶକ୍ତିର ବିକାଶ, ଚତୁର୍ଥରେ ବଜେଟକୁ ଦେଶର ସମସ୍ତଙ୍କ ନିକଟରେ ପହଞ୍ଚାଇବା, ପଞ୍ଚମରେ ଅର୍ଥ ବ୍ୟବସ୍ଥା, ଷଷ୍ଠରେ ଭିଭିଭୂମି ୫ ପୁଞ୍ଜି ନିବେଶ ଏବଂ ସପ୍ତମରେ କ୍ଷମତା ବିକାଶକୁ ସରକାର ଗୁରୁତ୍ୱ ଦେଇଛନ୍ତି । ବଜେଟ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ, ୮ ବର୍ଷ ପରେ ଚଳିତ ଥର ଇନକମ ଟ୍ୟାକ୍ସରେ ବ୍ୟାପକ ରିହାତି ମିଳିଛି । ଟିକସ ଦାତାଙ୍କୁ ଆୟକର ପ୍ରଦାନ ଲାଗି ପୂର୍ବବତ ଦୁଇଟି ବିକଳ୍ପ ରହିଛି । ଯଦି ଜଣେ ନୂଆ ଟ୍ୟାକ୍ସ ରିଜିମ ଚୟନ କରେ ତେବେ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଦେବାକୁ ପଡ଼ିବ ନାହିଁ । ପୂର୍ବରୁ ଏହି ସୀମା ୫ ଲକ୍ଷ ଟଙ୍କା ଥିଲା । ତେବେ ୭ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଆୟକାରୀଙ୍କ ଲାଗି ଅନ୍ୟଏକ ସ୍ଲାବ୍ ପ୍ରଦାନ କରାଯାଇଛି । ଏହି ସ୍ଲାବ ଅନୁସାରେ ଆୟକାରୀଙ୍କ ମୋଟ ଆୟର ୩ରୁ ୬ ଲକ୍ଷ ଟଙ୍କାର ଆୟ ଉପରେ ୫୦, ୬ରୁ ୯ ଲକ୍ଷ ଟଙ୍କା ଆୟ ଉପରେ ୧୦%, ୯ରୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ୧୫%, ୧୨ରୁ ୧୫ ଲକ୍ଷ ଟଙ୍କାର ଆୟ ଉପରେ ୨୦ % ଏବଂ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଆୟ ଉପରେ ୩୦% ଟିକସ ଦେବାକୁ ପଡ଼ିବ ।



ବଜେଟରେ ସରକାର ମିଲେଟ ମିଶନ ନିଯୁକ୍ତି, ପିଏମ ଆବାସ ଯୋଜନାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ସୀତାରମଣ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ମିଲେଟ ମିଶନକୁ 'ଶ୍ରୀ ଅନ୍ନ' ନାମରେ ନାମିତ କରାଯାଇଛି । ଶ୍ରୀଅନ୍ନ ଲାଗି ଭାରତ ଗ୍ଲୋବାଲ ଛତରେ ପରିଣତ ହେବ । ଏହି ମିଶନକୁ ସାକାର କରିବା ଲାଗି କେନ୍ଦ୍ର ସରକାର ଭାରତୀୟ ମିଲେଟ ସଂସ୍ଥାନ ଗଠନ କରିବେ । ଏହାଛଡ଼ା ଶିଶୁ ଓ କିଶୋରଙ୍କ ଶିକ୍ଷାର ବିକାଶ ଲାଗି ନ୍ୟାସନାଲ ଲାଇବ୍ରେରୀ ଗଠନ କରାଯିବ । କ୍ୟାପିଟାଲ ଇନଭେଷ୍ଟମେଣ୍ଟ ୧୦ ଲକ୍ଷ କୋଟିକୁ ବୃଦ୍ଧି କରାଯାଇଛି । ସ୍ୱାସ୍ଥ୍ୟ ସେବାରେ ଅଭିବୃଦ୍ଧି ଲାଗି ୧୫୭ ନୂଆ ନର୍ସି କଲେଜ ଖୋଲାଯିବ । କୃଷି କ୍ଷେତ୍ର ଲାଗି ୨୦ ଲକ୍ଷ ଟଙ୍କାର କୃଷି ଋଣ ପାଣ୍ଠି ଗଠନ କରାଯିବ । ମତ୍ସ୍ୟଜୀବୀଙ୍କ ଉନ୍ନତି ଲାଗି ଅର୍ଥମନ୍ତ୍ରୀ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି । ସେହିପରି ବଜେଟରେ ନିଯୁକ୍ତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

ପିଏମ ଆବାସ ଯୋଜନା ଲାଗି ବଜେଟରେ ୭୯ ହଜାର କୋଟି ଟଙ୍କାର ଆବଣ୍ଟନ କରାଯାଇଛି । ସେହିପରି ଅର୍ବାନ ଇନଫ୍ରା ଫଣ୍ଡ ପାଇଁ ୧୦ ହଜାର କୋଟି ଟଙ୍କା ରଖାଯାଇଛି । ଆଦିବାସୀ ପିଲାଙ୍କର ଶିକ୍ଷାରେ ଉନ୍ନତି ଲାଗି ଏକଲବ୍ୟ ମଡେଲ ସ୍କୁଲ ଖୋଲିବାକୁ ବଜେଟରେ ଯୋଜନା ରହିଛି ।

ଆର୍ଥିକ ଅଭିବୃଦ୍ଧି ହାର ୭% ଆକଳନ କରାଯାଇଛି । ତେବେ ବଜେଟରେ ରେଳ ବିଭାଗକୁ ୨.୪୦ ଲକ୍ଷ କୋଟିର ଆବଣ୍ଟନ କରାଯାଇଛି । ୫୦ଟି ନୂଆ ଏୟାରପୋର୍ଟ ଓ ହେଲିପ୍ୟାଡ୍ ଖୋଲିବାକୁ ବଜେଟରେ ବ୍ୟବସ୍ଥା କରାଯାଇଛି । ଆକାଂକ୍ଷୀ ଜିଲ୍ଲା ଭଳି ଏଥର ୫୦୦ ବ୍ଲକକୁ ଆକାଂକ୍ଷୀ ବ୍ଲକ ଭାବେ ଗ୍ରହଣ କରାଯାଇଛି । ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି ଲାଗି ବିଭିନ୍ନ ରାଜ୍ୟରେ ଅଧିକ ୩୦ଟି ସ୍କିଲ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟର ନିର୍ମାଣ କରାଯିବ । ପରିବେଶର ସୁରକ୍ଷା ଲାଗି ଜୈବ ବିବିଧତା ସହ ଅମୃତ ଧରୋହରକୁ ଗୁରୁତ୍ୱ ଦିଆଯାଇଛି । ଏହାଛଡ଼ା ନେଟ୍-୦ ନିର୍ଗମନ ଲକ୍ଷ୍ୟ ସହ ଉର୍ଜା ସଂକ୍ରମଣ ଉପରେ ୩୫,୦୦୦ କୋଟି ଟଙ୍କା ଖର୍ଚ୍ଚ ଲାଗି ଲକ୍ଷ୍ୟ ରଖାଯାଇଛି । ୨୦୦ କମ୍ପ୍ରେସଡ ବାୟୋଗ୍ୟାସ ପ୍ଲାଣ୍ଟ ଲାଗି ୧୦ ହଜାର କୋଟି ଆବଣ୍ଟନ ଟଙ୍କା ଆବଣ୍ଟନ କରାଯାଇଛି । ନ୍ୟାସନାଲ ହାଇଡ୍ରୋଜେନ ମିଶନ ଲାଗି ୧୯,୭୦୦ କୋଟି ଟଙ୍କା କରାଯାଇଛି ।କୃଷି କ୍ଷେତ୍ରରେ ଜୈବିକ କୃଷିକୁ ପ୍ରୋତ୍ସାହନ ଲାଗି କେନ୍ଦ୍ର ସରକାର ଚଳିତ ବଜେଟରେ ପଦକ୍ଷେପ ଗ୍ରହଣ କରିଛନ୍ତି । ୧ କୋଟି କୃଷକଙ୍କୁ ଜୈବିକ କୃଷିରେ ସାମିଲ କରିବା ଲାଗି ବଜେଟରେ ଯୋଜନା କରାଯାଇଛି । ସେହିପରି ବୈକଳ୍ପିକ ସାର ଲାଗି ପିଏମ ପ୍ରଣାମ ଯୋଜନା ଅଣାଯିବ । ୨୦୩୦ ସୁଦ୍ଧା ୫ ଏମଏଟି ହାଇଡ୍ରୋଜେନ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି ।

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ

# ରେଳ ବଜେଟରେ ରାଜ୍ୟ ମାଗିଥିବା ଅର୍ଥରୁ ଓଡ଼ିଶାକୁ ଅଧିକ ମିଳିଛି ଅନୁଦାନ

ଭୁବନେଶ୍ୱର: ଚଳିତ କେନ୍ଦ୍ର ବଜେଟ ୨୦୨୩-୨୪ରେ ଓଡ଼ିଶାକୁ ୧୦,୦୧୨ କୋଟି ଟଙ୍କାର ରେଳ ଅନୁଦାନ ଦିଆଯାଇଛି ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ରାଜ୍ୟକୁ ମିଳିଥିବା ରେଳ ଅନୁଦାନ ମଧ୍ୟରେ ଏହା ସବୁଠୁ ଅଧିକ । ଏପରି କି କେନ୍ଦ୍ର ସରକାର ପୁଣି ଥରେ ରାଜ୍ୟ ମାଗିଥିବା ପରିମାଣଠାରୁ ଅଧିକ ଅନୁଦାନ ଦେଇଛନ୍ତି । ଏହି ଅନୁଦାନ ମଧ୍ୟରେ ୩୭ଟି ନୂଆ ରେଳ ଲାଇନ୍ ପ୍ରକଳ୍ପ ପାଇଁ ୨,୫୬୪ କୋଟି ଏବଂ ୪,୬୪୩ କି.ମି. ରେଳ ଲାଇନର ଦୋହରୀକରଣ ଲାଗି ୩,୮୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ୨୮୯ କିଲୋମିଟର ଖୋର୍ଦ୍ଧା ରୋଡ୍– ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ସର୍ବାଧିକ ୧,୫୯୯ କୋଟି ମଞ୍ଜୁର କରାଯାଇଥିବା ବେଳେ ତାଳଚେର-ବିମଳାଗଡ଼ ରେଳ ଲାଇନ ପାଇଁ ୩୦୦ କୋଟି ଏବଂ ଅନୁଗୋଳ- ସୁକିନ୍ଦା ରୋଡ୍ ପାଇଁ ୨୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହାସହିତ କେତେକ ଘୋଷଣା ମଧ କରାଯାଇଛି । ତଦନୁଯାୟୀ ଭୁବନେଶ୍ୱରର ଲିଙ୍ଗରାଜ ରୋଡ୍ ଷ୍ଟେଶନରୁ ପୁରୀ ପର୍ଯ୍ୟନ୍ତ ବନ୍ଦେ ମେଟ୍ରୋ ଟ୍ରେନର ଚଳାଚଳ କରାଯିବ । ରାଜ୍ୟର ୫୭ଟି ଷ୍ଟେସନକୁ ନବୀକରଣ କରାଯିବ । ନୂତନ ଭାବେ ଜନ ଜାତୀୟ ଗୌରବ କରିଡର ଏବଂ ଶକ୍ତି କରିଡର ବ୍ୟବସ୍ଥା ହୋଇଛି । ଏଥି ନିମନ୍ତେ ୨୮୪ କୋଟି ଟଙ୍କା ଲେଖାଏଁ ବ୍ୟୟବରାଦ କରାଯାଇଛି । ନୂତନ ପୋର୍ଟ ସଂଯୋଗୀକରଣ ପାଇଁ ୫୭ କୋଟି ଟଙ୍କା ମଞ୍ଜୁର ହୋଇଛି । ସେହିପରି ରାଜ୍ୟରେ ୨୮୦ କିଲୋମିଟର ନୂଆ ରେଳ ଲାଇନ୍ ନିର୍ମାଣ କରାଯିବାକୁ ଘୋଷଣା ହୋଇଛି ।

ଶ୍ରୀ ବୈଷ୍ଣବ ଓଡ଼ିଶାକୁ ମିଳିଥିବା ଟଙ୍କାର ପରିମାଣ ଓ ରେଲୱେ ସମ୍ବନ୍ଧୀୟ ଅନ୍ୟାନ୍ୟ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟ ସରକାର ବଜେଟ ବହୁ ପୂର୍ବରୁ କେନ୍ଦ୍ର ସରକାର ଓ ରେଳ



ମନ୍ତ୍ରଣାଳୟକୁ ପ୍ରାୟ ୮,୪୦୦ କୋଟି ଟଙ୍କାର ବ୍ୟୟବରାଦ ପାଇଁ ଅନୁରୋଧ କରିଥିଲେ । କିନ୍ତୁ କେନ୍ଦ୍ର ସରକାର ୧୦,୦୧୨ କୋଟି ଟଙ୍କା ଆବଣ୍ଟନ କରିଛନ୍ତି । ସୂଚନାଥାଉ କି, ୨୦୨୨-୨୩ ବଜେଟ୍ ପୂର୍ବରୁ ୭,୬୦୦ କୋଟି ଟଙ୍କା ଦାବି କରିଥିବା ବେଳେ କେନ୍ଦ୍ର ସରକାର ୯,୭୩୪ କୋଟି ଟଙ୍କାର ରେଳ ଅନୁଦାନ ଘୋଷଣା କରିଥିଲେ । ମନ୍ତ୍ରୀ ସୂଚନା ଦେଇ କହିଛନ୍ତି, ୨୦୦୯ରୁ ୨୦୧୪ ମଧ୍ୟରେ ଓଡ଼ିଶା ବାର୍ଷିକ ହାରାହାରି ୮୩୪ କୋଟି ଟଙ୍କା ରେଳ ଅନୁଦାନ ମିଳୁଥିଲା । ଏହାର ୧୨ ଗୁଣ ଅଧିକ ଅନୁଦାନ ୨୦୨୩-୨୪ ନିମନ୍ତେ ଓଡ଼ିଶାକୁ ଯୋଗାଇ ଦିଆଯାଇଥିବା ସେ କହିଛନ୍ତି । ରେଳମନ୍ତ୍ରୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ପ୍ରାୟ ୨୮୦ କି.ମି. ରେଳଲାଇନ୍ ନିର୍ମାଣ ହେବ । ସେହିପରି ଓଡ଼ିଶାରେ ୨,୭୬୮ କିଲୋମିଟରର ୬୨ଟି ସର୍ଭେ ଚାଲିଛି । ଗତ ଆର୍ଥିକ ବର୍ଷ ଅପେକ୍ଷା ଏଥର ଅନେକ ବିକାଶମୂଳକ କାର୍ଯ୍ୟ ଓ ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଛି । ଶତ ପ୍ରତିଶତ କାର୍ଯ୍ୟ ସହ ବ୍ୟୟବରାଦ ଟଙ୍କାର ପୂର୍ଣ୍ଣ ବିନିଯୋଗ ପାଇଁ ମନ୍ତ୍ରଣାଳୟ ଏବଂ ଓଡ଼ିଶା କ୍ଷେତ୍ରର ରେଳ ପଥ (ପୂର୍ବତଟ ରେଳପଥ) ପକ୍ଷରୁ ବ୍ୟାପକ ଆକ୍ସନ ପାଳନ ପ୍ରସ୍ତୁତ ହୋଇଥିବା ମନ୍ତ୍ରୀ କହିଛନ୍ତି । ୨୦୨୩ ଅଗଷ୍ଟ ଶେଷ ସୁଦ୍ଧା ଭାରତ ସରକାରଙ୍କ ମହତ୍ୱାକାଂକ୍ଷୀ ରେଳ ପ୍ରକଳ୍ପ 'ବନ୍ଦେ ମେଟ୍ରୋ ଟ୍ରେନ' ପ୍ରକଳ୍ପର ମାଷ୍ଟର ଡିଜାଇନ ଉନ୍ମୋଚନ କରାଯିବ । ଓଡ଼ିଶାର କେତେକ ସ୍ଥାନରେ ମଧ ବନ୍ଦେ ମେଟ୍ରୋ ଟ୍ରେନ ଚାଲିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । କଟକ–ଭୁବନେଶ୍ୱର, ପୁରୀ-କଟକ/ଭୁବନେଶ୍ୱର, ରାଉରକେଲା – ସମ୍ବଲପୁର ଅଥବା ରାଉରକେଲା-ସୁନ୍ଦରଗଡ଼ ଭଳି ରେଳ ଅଞ୍ଚଳରେ ଉକ୍ତ ଟ୍ରେନ ଚାଲିବା ଯୋଜନା ରହିଥିବା ସେ କହିଛନ୍ତି । ୨୦୨୨–୨୩ ଆର୍ଥିକ ବର୍ଷରେ ଆବଦ୍ଧିତ ଅର୍ଥର ୯୫% ଅର୍ଥ ବିଭିନ୍ନ ପ୍ରକଳ୍ପ ସାଙ୍ଗକୁ ରେଳପଥର ଉନ୍ନତୀକରଣ, ସୌନ୍ଦର୍ଯ୍ୟକରଣ ଓ ଭିତ୍ତିଭୂମି ଭଳି କାର୍ଯ୍ୟରେ ବ୍ୟବହୃତ ହୋଇଛି ।

# ପୁଲିସ୍ ଗୁଳିରେ ଟଳି ପଡିଲେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ

ଝାରସୁଗୁଡ଼ା : ବ୍ରଜରାଜନଗର ନିକଟସ୍ଥ ଗାନ୍ଧୀଛକ ଠାରେ ଜନୈକ ପୋଲିସ ଏଏସ୍-ଆଇଙ୍କ ଗୁଳିମାଡ଼ରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କର ମୃତ୍ୟୁ ହୋଇଯାଇଛି । ଘଟଣା ପରେପରେ ତାଙ୍କୁ ଝାରସୁଗୁଡ଼ା ଜିଲ୍ଲା ସଦର ହସ୍ପିଟାଲ ଏବଂ ସେଠାରୁ ଭୁବନେଶ୍ୱରକୁ ଏୟାରଲିଫ୍ଟ କରାଯିବା ପରେ ଆପୋଲୋ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା । ତେବେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା ।

ବ୍ରଜରାଜନଗର ଥାନାର ଗାନ୍ଧୀଛକ ଠାରେ ବିଜେଡି ଦଳର କାର୍ଯ୍ୟାଳୟ ଉଦଘାଟନ ପାଇଁ ଯାଇଥିବା ବେଳେ ପୁଲିସ ଏଏସ୍ଆଇ ଗୋପାଳକୃଷ୍ଣ ଦାସ ତାଙ୍କର ସାର୍ଭିସ ପିସ୍ତଲରୁ ଅତି ନିକଟରୁ ଗୁଳି କରିଥିଲେ ।

ନବ ଦାସ କାର୍ ଯୋଗେ ଗାନ୍ଧୀଛକକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପହଞ୍ଚିବା ପରେ ଦଳୀୟ କର୍ମୀମାନେ ସ୍ୱାଗତ କରିବାକୁ ଗାଡ଼ି ପାଖକୁ ଧାଇଁଥିଲେ । କର୍ମୀମାନେ ନବ ଦାସ ଜିନ୍ଦାବାଦ ଧ୍ୱନୀ ଦେଇଥିଲେ । ଏହି ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପିଏସ୍ଓ କାର୍‌ର ସମ୍ମୁଖ ଗେଟ୍ ଖୋଲିବା ପରେ ଶ୍ରୀ ଦାସ କାର୍‌ରୁ ଓହ୍ଲାଇଥିଲେ । ଏହି ସମୟରେ ଜଣେ କର୍ମୀ ତାଙ୍କ ବେକରେ ଫୁଲମାଳ ଦେଇଥିଲେ । ଠିକ୍ ଏତିକି ବେଳେ ସେଠାରେ ଥିବା ପୁଲିସ ଏଏସ୍ଆଇ ଗୋପାଳକୃଷ୍ଣ ଦାସ ଭିଡ଼କୁ ଆଡ଼େଇ କାର୍ ନିକଟକୁ ପହଞ୍ଚି ମାତ୍ର ୩ରୁ ସାଢେ ତିନି ଫୁଟ ଦୂରତ୍ୱରୁ ପିସ୍ତଲରୁ ଗୁଳି କରିଥିଲେ । ପ୍ରଥମ ଗୁଳିଟି ନବଙ୍କ ଛାତିର ବାମ ପାର୍ଶ୍ୱରେ ବାଜିଥିଲା । ନବ ବାବୁ 'କିଏ ମାରିଲା ହୋ' ବୋଲି ଚିତ୍କାର କରିଥିଲେ । ଦ୍ୱିତୀୟ ଗୁଳିଟି ପୁଣିଥରେ ନବଙ୍କୁ ଲକ୍ଷ୍ୟ କରି ଚଳାଇଥିବା ବେଳେ ତାହା ଲକ୍ଷ୍ୟ ଚ୍ୟୁତ ହୋଇ ବ୍ରଜରାଜନଗର କାଳୀନଗର ଅଂଚଳର ବିଜେଡ଼ି କର୍ମୀ ଜୀବନ ନାୟକ ଓରଫ ରିଣ୍ଟୁଙ୍କ ବେକର ପଛ ପାର୍ଶ୍ୱରେ ବାଜିବା ସହ କାର୍‌କୁ ସ୍ପର୍ଶ କରିଥିଲା । ଅନ୍ୟ ଦୁଇ ରାଉଣ୍ଡ ଫାଙ୍କା ଗୁଳି ଚାଳନା ହୋଇଥିଲା । ବ୍ରଜରାଜନଗର ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ କାର୍‌ର ଡାହାଣ ପାର୍ଶ୍ୱରେ ଥିବାରୁ ସେ ସେଠାରୁ ଦୌଡ଼ି ଆସି ଗୁଳି ଚଳାଇଥିବା ଏଏସ୍ଆଇଙ୍କ ପିସ୍ତଲ ଛଡ଼ାଇବା ଲାଗି ଚେଷ୍ଟା କରିବା ବେଳେ ତାଙ୍କର ହାତର ଦୁଇ ଆଙ୍ଗୁଳି ସନ୍ଧିରେ ଗୁଳି ଫୁଟି ସେ ଆହତ ହୋଇଥିଲେ । ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି



କରାଯାଇଛି । ଗୁଳି ଚଳାଇ ଭିଡ଼ ଭିତରେ ଫେରାର ହେବା ବେଳେ ଏଏସ୍ଆଇ ଗୋପାଳକୃଷ୍ଣ ଦାସଙ୍କୁ ସେଠାରେ ଉପସ୍ଥିତ ପୁଲିସ କାବୁ କରିବା ସହ ହାତରୁ ପିସ୍ତଲ ଛଡ଼ାଇ ନେଇଥିଲେ । ନବଙ୍କୁ ଗୁରୁତର ଅବସ୍ଥାରେ ସେଠାରୁ ପ୍ରଥମେ ଜିଲ୍ଲା ସଦର ଡାକ୍ତରଖାନା ଅଣାଯାଇଥିଲା । ସେଠାରେ ପ୍ରାୟ ଅଧ ଘଣ୍ଟା ଧରି ଚିକିତ୍ସା ପରେ ଝାରସୁଗୁଡ଼ା ବିମାନବନ୍ଦରରୁ ଏୟାର ଲିଫ୍ଟ କରାଯାଇ ଭୁବନେଶ୍ୱର ନିଆଯାଇଥିଲା । ଘଟଣା ପରେ ଗୁଳି ମାଡ଼ କରିଥିବା ଏଏସ୍ଆଇ ଗୋପାଳକୃଷ୍ଣ ଦାସଙ୍କୁ ପୁଲିସ ଜିଲ୍ଲା ବାହାରର ଏକ ଗୁପ୍ତ ସ୍ଥାନରେ ରଖି ପଚରା ଉଚରା କରୁଥିବା ସହ ତାଙ୍କୁ ଚାକିରୀରୁ ବହିଷ୍କୃତ କରାଯାଇଛି । ଏହି ଘଟଣାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ଦିଆଯାଇଛି ।

## ଏ ସଂଖ୍ୟାରେ..



ବାସିରୁଟିର ଫାଇଦା



ସ୍ୱାସ୍ଥ୍ୟ ଲାଗି ଆବଶ୍ୟକ ବିନ୍ସ



ଥଣ୍ଡା ସର୍ଦ୍ଦିରୁ ମୁକ୍ତି ଦିଏ ଗୋଲମରିଚ



ଉପକାରୀ ମଟର



ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଦଳୀ



ଘି କୁଆଁରୀର ଉପକାରିତା

# ଝାରସୁଗୁଡାରେ ବିଜେଡି ମଙ୍ଗ କିଏ ଧରିବ ?

ଝାରସୁଗୁଡା : ବିଗତ ଏକ ବର୍ଷ ମଧ୍ୟରେ ଝାରସୁଗୁଡା ଜିଲ୍ଲାର ଦୁଇ ବିଜେଡି ବିଧାୟକଙ୍କ ବିୟୋଗ ଝାରସୁଗୁଡା ରାଜନୀତିରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି । ବିଜୁ ଜନତା ଦଳର ପ୍ରତିଷ୍ଠା ଦିନଠାରୁ ଝାରସୁଗୁଡା ଜିଲ୍ଲାରେ ଦଳର ମଙ୍ଗ ଧରିଥିବା ବରିଷ୍ଠ ନେତା ତଥା ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି ୩୦ ଡିସେମ୍ବର, ୨୦୨୧ରେ ହୃଦ୍‌ଘାତର ଶିକାର ହୋଇ ଅକସ୍ମାତ ଆରପାରିକୁ ଚାଲିଗଲେ । ତାର ଠିକ୍ ୧୩ ମାସ ପରେ ଝାରସୁଗୁଡା ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଗୋପାଳ ଦାସ ନାମକ ଜଣେ ପୋଲିସ ଏଏସଆଇର ଗୁଳିର ଶିକାର ହୋଇ ଆଖି ବୁଜିଲେ । ଗୋଟିଏ ପଟେ ଏହି ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡର ରହସ୍ୟ ଏଯାବତ୍ ଉନ୍ମୋଚନ ହୋଇ ନ ଥିବାବେଳେ ଅନ୍ୟପଟେ ଝାରସୁଗୁଡା ଆସନ ପାଇଁ ଉପନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଝାରସୁଗୁଡା ବିଧାନସଭା ଆସନ ରିକ୍ତ ହେବା ନେଇ ଓଡିଶା ବିଧାନସଭା ପକ୍ଷରୁ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ବିଧିବଦ୍ଧ ଭାବେ ଅବଗତ କରାଯିବା ପରେ ଆଗାମୀ ଦିନରେ ଝାରସୁଗୁଡା ଜିଲ୍ଲାର ରାଜନୀତି ଚିତ୍ର କଣ ହେବ, ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି ।

୧୯୯୭ରୁ ନିରବଚ୍ଛିନ୍ନ ଭାବେ ଝାରସୁଗୁଡା ଜିଲ୍ଲା ସଭାପତି ପଦବୀରେ ରହିଥିବା କିଶୋର ମହାନ୍ତିଙ୍କ ଦେହାନ୍ତ ପରେ ଏହି ଆସନରେ ଆଉ କାହାରିକୁ ବସାଯାଇ ନାହିଁ । ଏପରିକି ଗତ ୨୦୨୨ରେ ଅନୁଷ୍ଠିତ ବ୍ରଜରାଜନଗର ଉପନିର୍ବାଚନରେ ଦଳ ବିନା ଜିଲ୍ଲା ସଭାପତିରେ ମଇଦାନକୁ ଓହ୍ଲାଇଥିଲା । ରାଜ୍ୟସ୍ତରୀୟ ନେତା ମାନେ ଉକ୍ତ ଉପନିର୍ବାଚନରେ ରଣନୀତି ପ୍ରସ୍ତୁତ କରି ସଫଳ ହୋଇଥିଲେ । ଅଳକା ମହାନ୍ତି ବିଧାୟିକା ରୂପେ ନିର୍ବାଚିତ ହେବା ପରେ ସେ ବ୍ରଜରାଜନଗର ଏବଂ ନବ ଦାସ ଝାରସୁଗୁଡାର ସଙ୍ଗଠନକୁ ପରିଚାଳିତ କରି ଆସୁଥିଲେ । ମାତ୍ର ଏବେ ନବ ଦାସଙ୍କ ପରଲୋକ ପରେ ଝାରସୁଗୁଡା ଜିଲ୍ଲା ବିଜୁ ଜନତା ଦଳକୁ ଜଣେ ନୂଆ ମଙ୍ଗୁଆଳ ମିଳିବ ବୋଲି କର୍ମୀ ମହଲରେ ଆଲୋଚନା ହେଉଛି ।

ଗତ ଦୁଇ ତିନି ବର୍ଷ ହେବ ନବ ଦାସ ତାଙ୍କ ଝିଅ ଦିପାଳୀ ଦାସଙ୍କୁ ନିଜ ଉତ୍ତରାଧିକାରୀ ଭାବେ ସାମ୍ନାକୁ ଆଣୁଥିଲେ । ନବଙ୍କ ପିତା ମାତାଙ୍କ ନାମରେ ଗଠିତ ନରସିଂହ-ବିଷ୍ଣୁପ୍ରିୟା ଟ୍ରଷ୍ଟ ଜରିଆରେ ଦିପାଳୀ ଝାରସୁଗୁଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନେକ ସାମାଜିକ କାର୍ଯ୍ୟ କରୁଥିବାର ଦେଖାଯାଏ । ଏହାଛଡା ପଦ୍ମପୁର ଉପନିର୍ବାଚନରେ ନବ ଦାସ ଦିପାଳୀଙ୍କୁ ପ୍ରଚାର କାର୍ଯ୍ୟରେ ମଧ ସାମିଲ କରିଥିଲେ । ତେଣୁ ଆଗାମୀ ଉପନିର୍ବାଚନରେ ଦିପାଳୀଙ୍କୁ ବିଜେଡି ଟିକେଟ ମିଳିବାର ସମ୍ଭାବନା ଥିବା ଚର୍ଚ୍ଚା ହେଉଛି । ତେବେ ଦିପାଳୀ ରାଜନୀତିରେ ନୂଆ କରି ପାଦ ଥାପିଥିବାରୁ ସାଙ୍ଗଠନିକ ନେତୃତ୍ୱ ନେବା ଲାଗି ଦଳୀୟ ହାଇକମାଣ୍ଡ ଜଣେ ଅନୁଭବୀ ନେତାଙ୍କୁ ଦାୟିତ୍ୱ ଦେଇ ପାରନ୍ତି ।

୨୦୧୯ ନିର୍ବାଚନ ପରେ ଝାରସୁଗୁଡାରେ ବିଜେପି ତାର ସଙ୍ଗଠନକୁ ମଜବୁତ କରିବା ପାଇଁ ଅଣ୍ଟା ଭିଡିଛି । କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକାନ୍ତ ଅନୁଗତ ଯୁବନେତା ଟଙ୍କଧର ତ୍ରିପାଠୀ ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବେଶ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି । ଝାରସୁଗୁଡାରେ ଜଣେ ଦକ୍ଷ ସଙ୍ଗଠକ ରୂପେ ଜଣାଶୁଣା ତ୍ରିନାଥ ଗୁଆଲ ଗତ ବର୍ଷ ବିଜେଡି ଛାଡି ବିଜେପିରେ ଯୋଗ ଦେଇଛନ୍ତି । ତେଣୁ ବିଜେପିକୁ ମୁକାବିଲା କରିବା ଲାଗି ଜଣେ ପରିପକ୍ୱ ନେତାଙ୍କୁ ବିଜେଡି ଜିଲ୍ଲା ସଭାପତି ଦାୟିତ୍ୱ ଦିଆଯିବ ବୋଲି ରାଜନୈତିକ ବିଶ୍ଳେଷକ ମାନେ ଆକଳନ କରୁଛନ୍ତି ।

## ତେଲନଦୀ ସେତୁର ଶୋଚନୀୟ ଅବସ୍ଥା

ସୁବର୍ଣ୍ଣପୁର : ସୋନପୁର-ମନମୁଣ୍ଡା ମଧ୍ୟଭାଗରେ ଥିବା ତେଲନଦୀ ସେତୁର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଛି । ଏହାର ମରାମତି ପାଇଁ ଦୀର୍ଘଦିନ ହେବ ଦାବି ହୋଇ ଆସୁଥିଲେ ମଧ ସ୍ଥାୟୀ ମରାମତି କରା ଯାଉ ନ ଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ମଝିରେ ମଝିରେ ସେତୁର ମରାମତି କରାଯାଉଥିଲେ ମଧ ନିମ୍ନମାନର ମରାମତି ଯୋଗୁଁ ସେଥିରେ ପୁନଃ ଖାଲ ଖମା ସୃଷ୍ଟି ହୋଇ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଲକ୍ଷ୍ୟ କରାଯାଉଛି । ସୋନପୁର ପଟ ସେତୁର ସମ୍ମୁଖ ଭାଗ ପ୍ରବେଶ ପଥ ଓ ମନମୁଣ୍ଡା 'ଫେର୍ ଭେଟ୍ ହେମା" ଫଳକ ଭାଗରେ ମଣିଷ ଗଳି ପଡିବା ଭଳି ଗର୍ତ୍ତ ହୋଇଛି । ଏହି ସେତୁର ହେବା ପରେ ଦକ୍ଷିଣ ଓଡ଼ିଶା, ପୂର୍ବ ଓଡ଼ିଶା, ପଶ୍ଚିମ ଓଡ଼ିଶାକୁ ସଂଲଗ୍ନ କରୁଛି । ନିତି ପ୍ରତିଦିନ ହଜାର ହଜାର ଯାନ ବାହାନ ଓ ପର୍ଯ୍ୟାପ୍ତ ପରିମାଣ ପଥଚାରୀ ଯାତାୟତ କରୁଛନ୍ତି । ଅବଶ୍ୟ କେତେବେଳେ ଯେ ବଡ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନୀ ହେବାର ଆଶଙ୍କା ରହିଛି ।

# ମହାନଦୀ କୋଲଫିଲ୍ଡ ପକ୍ଷରୁ ବିହଙ୍ଗମ ଡ୍ରୋନ୍ ଟେକ୍‌ନୋଲୋଜି ଓ ସର୍ବାଧୁନିକ ଉପକରଣ ମୁତୟନ

ସମ୍ବଲପୁର : ମହାନଦୀ କୋଲଫିଲ୍ଡ କୋଇଲା ଖଣିରେ ବିହଙ୍ଗମ ଡ୍ରୋନ ଟେକ୍‌ନୋଲୋଜି ଏବଂ ସର୍ବାଧୁନିକ ନିରାପତ୍ତା ଉପକରଣମାନ ମୁତୟନ କରିଛି । ବିହଙ୍ଗମ ଏକ ୱେବଭିତ୍ତିକ ପୋର୍ଟାଲ ଏବଂ ଏହା ସହିତ ଡ୍ରୋନ ତଥା ଗ୍ରାଉଣ୍ଡ କଣ୍ଟ୍ରୋଲ ବ୍ୟବସ୍ଥା ସମ୍ପୃକ୍ତ । ଏହି ପୋର୍ଟାଲ ଅଧିକୃତ ବ୍ୟକ୍ତି ବିଶେଷଙ୍କୁ ଖଣି ଭିତରର ବାସ୍ତବ କାର୍ଯ୍ୟକଳାପର ଚିତ୍ର ଆକ୍‌ସେସ୍ କରିବାର ସୁଯୋଗ ଦିଏ । ଏକ ଉତ୍ସର୍ଗୀକୃତ ୪୦ ଏମ୍‌ବିପିଏସ୍ ଇଣ୍ଟରନେଟ ଲିଜ୍ ଲାଇନ ମାଧ୍ୟମରେ ଖଣି ନିକଟରେ ଏହି ଆକ୍ସେସ୍ ସୁବିଧା ଉପଲବ୍ଧ ହୋଇପାରିବ । ଡ୍ରୋନ ଉଡାଇବା ପାଇଁ ଏଥିରେ ଏକ ନିୟନ୍ତ୍ରଣ କେନ୍ଦ୍ର ରହିଛି । ଏହି ବ୍ୟବସ୍ଥାକୁ ପୋର୍ଟାଲ ମାଧ୍ୟମରେ ଯେ କୌଣସି ସ୍ଥାନରୁ ପରିଚାଳିତ କରି ହେବ । ଏହି କାର୍ଯ୍ୟ ଏବେ ଏକ ପାଇଲଟ ପ୍ରକଳ୍ପ ଭାବେ ତାଳଚେରର ଭୁବନେଶ୍ୱରୀ ଓ ଲିଙ୍ଗରାଜ ଓପନକାଷ୍ଟ କୋଇଲା ଖଣିରେ କାର୍ଯ୍ୟକାରୀ ହୋଇଛି । ପରିବେଶ ପର୍ଯ୍ୟବେକ୍ଷଣ, ଭଲ୍ୟୁମ ମେଜରମେଣ୍ଟ ଏବଂ ଖଣି ଖନନ ପ୍ରକ୍ରିୟାର ଡିଜିଟାଇଜେସନ ନିମନ୍ତେ ଆବଶ୍ୟକ ହେଉଥିବା ଖଣିର ଫଟୋଗ୍ରାମେଟ୍ରିକ୍ ମ୍ୟାପିଂ ପାଇଁ ଏମ୍‌ସିଏଲ୍ ଏବେ ଡ୍ରୋନ ଟେକ୍‌ନୋଲୋଜି ଉପଯୋଗ କରୁଛି । କୋଇଲା ଉତ୍ପାଦନକୁ ଅଧିକ ବଢାଇବା ସହିତ ତାହାର ରେକର୍ଡ ରଖିବା ନିମନ୍ତେ ମଧ ଏମ୍‌ସିଏଲ୍ ସର୍ବାଧୁନିକ ଟେକ୍ନୋଲୋଜି ବ୍ୟବହାର କରୁଛି । ସେହିଭଳି ନିରାପତ୍ତା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବାକୁ ଅତ୍ୟାଧୁନିକ ଉପକରଣକୁ ଉପଯୋଗ କରାଯାଉଛି । କୋଇଲା ଷ୍ଟକ୍‌ୟାର୍ଡରେ ପାଣି ଛିଞ୍ଚିବା ପାଇଁ ଏମ୍‌ସିଏଲ୍ ଏବେ ରୋବୋଟିକ୍ ନୋଜଲ ୱାଟର ସ୍ପ୍ରେୟାର ବ୍ୟବହାର କରୁଛି । କୋଇଲା କମ୍ପାନୀମାନେ ରୋବୋର୍ଟ ଦ୍ୱାରା ପରିଚାଳିତ ଅଗ୍ନି ନିର୍ବାପକ ଏବଂ ଧୂଳି ଦମନ ଅଗ୍ରଣୀ ଟେକ୍‌ନୋଲୋଜି ବ୍ୟବହାର କରିପାରୁଛନ୍ତି । ଏହି କାମ ବିପଜ୍ଜନକ ହୋଇଥିବାରୁ ଯନ୍ତ୍ର ମାଧ୍ୟମରେ ନିରାପଦରେ ଏହା କରାଯାଉଛି । ନୂଆ ଯନ୍ତ୍ର ମାଧ୍ୟମରେ ୭୦ ମିଟର ଦୂରକୁ ପାଣିକୁ ଜଳୀୟ ବାଷ୍ପ ଆକାରରେ ସ୍ପ୍ରେ କରିବା ସମ୍ଭବ ହେଉଛି । ଏହି ସ୍ପ୍ରେୟାରରେ ଲାଗିଥିବା ନୋଜଲ ସ୍ୱାଇଭେଲ ନୋଜେଲ ନାମରେ ପରିଚିତ । ଏହା ୨୮ କିଲୋଲିଟର ଦକ୍ଷତା ବିଶିଷ୍ଟ ଏକ ପାଣି ଟ୍ୟାଙ୍କର ସହିତ ସଂଯୁକ୍ତ । ମହାନଦୀ କୋଲଫିଲ୍ଡ କମ୍ପାନୀ ସୁନ୍ଦରଗଡ, ଝାରସୁଗୁଡା ଓ ଅନୁଗୋଳ ଜିଲ୍ଲାରେ କୋଇଲା ଖନନ, ଉତ୍ତୋଳନ, ପରିବହନ ଓ ବିକ୍ରିବଟା ସହିତ ସମ୍ପୃକ୍ତ । ଭାରତରେ ମୋଟ କୋଇଲା ଉତ୍ପାଦନରେ ମହାନଦୀ କୋଲଫିଲ୍ଡର ଅବଦାନ ୨୦% ।

# ଜ୍ଞାନ ଆଧାରିତ ଶିକ୍ଷା

ଶିକ୍ଷାର ଉଦ୍ଦେଶ୍ୟ ହେଉଛି ବିଦ୍ୟାର୍ଥୀକୁ ଯୋଗ୍ୟ କରିଦେବା । ଯୋଗ୍ୟତା ଦର୍ଶାଇବା ପାଇଁ ଅନେକ ବିନ୍ଦୁକୁ ସ୍ପଷ୍ଟ କରାଯାଇପାରେ, ଯଥା- ବ୍ୟକ୍ତି ଜ୍ଞାନ ସମ୍ପନ୍ନ ହେଉ, ଆତ୍ମନିର୍ଭର ଓ ଆତ୍ମନିୟନ୍ତ୍ରିତ ହେଉ । ଜୀବନର ସମ୍ୟକ୍ ନିର୍ମାଣ ପାଇଁ ଜ୍ଞାନର ବିକାଶ ଆବଶ୍ୟକ । ଜ୍ଞାନ ସମ୍ପନ୍ନ ହେବା ଭଲ କଥା, କିନ୍ତୁ ଜ୍ଞାନ ସହିତ ଆଚରଣର ମଧ ବିକାଶ ହେବା ଉଚିତ । ଆଚାରବିହୀନ ବ୍ୟକ୍ତି ବିଦ୍ୱାନ ହୋଇଯିବା ପରେ ବି ସେହି ପ୍ରତିଷ୍ଠାକୁ ପ୍ରାପ୍ତ କରିପାରେ ନାହିଁ, ଯାହା ଜଣେ ସାଧାରଣ ବ୍ୟକ୍ତି ସହଜରେ ପ୍ରାପ୍ତ କରିନିଏ ।

ବିଦ୍ୟାର୍ଥୀଙ୍କ ମଧ୍ୟରେ ସଙ୍କୋଚତା ପ୍ରତି ନିଷ୍ଠା ଜାଗ୍ରତ ହୋଇଯିବ, ବିନମ୍ରତାର ଭାବ ଜାଗ୍ରତ ହୋଇଯିବ ଓ ନିଶାମୁକ୍ତ ଜୀବନଯାପନର ସଂକଳ୍ପ ଜାଗ୍ରତ ହୋଇଯିବ ତ ସେ ଏକ ଶ୍ରେଷ୍ଠ ନାଗରିକ ଅଥବା ଆଚାର ସମ୍ପନ୍ନ ନାଗରିକ ହୋଇ ପାରିବ । ଗତ କେତେ ବର୍ଷ ଧରି ବୋର୍ଡ ପରୀକ୍ଷାରେ ପାସ ହେଉଥିବା ଛାତ୍ରଛାତ୍ରୀ ପ୍ରାପ୍ତାଙ୍କ (ନମ୍ବର) ଦୃଷ୍ଟିରୁ ନୂଆ କୀର୍ତ୍ତିମାନ ସ୍ଥାପନ କରୁଛନ୍ତି । ଛାତ୍ର ଛାତ୍ରୀ ଆଇ.ପି.ଏସ. ପରୀକ୍ଷାରେ ଶତ ପ୍ରତିଶତ ଅଙ୍କ ହାସଲ କରି ନୂତନ ଶିଖର ସ୍ପର୍ଶ କରି ନେଉଛନ୍ତି । ଏହି ଉପଲବ୍ଧ ପାଇଁ ଅନେକ ଶିକ୍ଷକ ତଥା ଅଭିଭାବକ ଅଭିନନ୍ଦନର ପାତ୍ର, କିନ୍ତୁ କିଛି ବିକଟ ପ୍ରଶ୍ନ ମଧ ମୁହଁ ମେଲାଇ ଠିଆ ହୋଇଛି, ଯାହାକୁ ଅଣଦେଖା କରିବା ଅସମ୍ଭବ ।

ନୂତନ ପିଢ଼ି କ'ଣ ନିଜର ଅଗ୍ରଜ-ପୂର୍ବଜଙ୍କ ଠାରୁ ବହୁତ ଅଧିକ ବୁଦ୍ଧିମାନ୍ ବା ପରୀକ୍ଷାର ସ୍ତର ଏତେ ଖସିଯାଇଛି ଯେ ୯୫-୯୯ ପ୍ରତିଶତ ହାସଲ କରିବା ବହୁତ ସହଜ ହୋଇଯାଇଛି ? ସାଧାରଣ ପିଲା ମଧ ପ୍ରଥମ ଶ୍ରେଣୀରେ ପରୀକ୍ଷା ପାସ କରନ୍ତି ଏବଂ କଲେଜରେ ପ୍ରବେଶ କରିବା ସମୟରେ ୯୦ ପ୍ରତିଶତ ଅଙ୍କ ପାଇଥିବା ପିଲା ମଧ ଆଶଙ୍କା ଓ କଷ୍ଟରେ ଏଣେତେଣେ ଘୂରି ବୁଲନ୍ତି । କେତେକ ଉଚ୍ଚ ଅଙ୍କ ପାଇଥିବା ପିଲା ପତ୍ରାଚାର ମାଧ୍ୟମରେ ଆଗର ପଢ଼ା ଜାରି ରଖିବାକୁ ବାଧ ହୋଇଥାନ୍ତି । ଏନ୍.ସି.ଇ.ଆର.ଟି.ର ପୂର୍ବତନ ନିର୍ଦ୍ଦେଶକ କୃଷ୍ଣ କୁମାରଙ୍କ ମତରେ ସବୁଠାରୁ ବଡ଼ ଦୋଷ ସେହି ପରୀକ୍ଷା ପ୍ରଣାଳୀର, ଯେଉଁଥିରେ ବହୁ ବିକଳ୍ପର ପ୍ରଶ୍ନ ପଚରାଯାଏ, ଫଳରେ ମଡେଲ ଉତ୍ତର ଘୋଷିଥିବା ବିଦ୍ୟାର୍ଥୀ ହିଁ ସର୍ବାଧିକ ଅଙ୍କ ପାଆନ୍ତି । ପରୀକ୍ଷାର ଆହ୍ୱାନର ସମ୍ମୁଖୀନ ହେବା ପାଇଁ ବର୍ଷ ସାରା ପାଠ ପଢ଼ାଯାଏ । 'ଘୋଷବନ୍ତ ବଳବନ୍ତ'ର ସୂତ୍ର ପରୀକ୍ଷା ବୈତରଣୀ ପାର କରାଇପାରେ ।

ବିଷୟବସ୍ତୁ ସହିତ ଛାତ୍ରଛାତ୍ରୀଙ୍କର ସମ୍ପର୍କ ନାହିଁ ଏବଂ ମୌଳିକତା, ସୃଜନାତ୍ମକ ପ୍ରତିଭା ଦ୍ୱାରା ନିତିଦିନିଆ ଜୀବନ ପାଇଁ ପରମାବଶ୍ୟକ ବ୍ୟାବହାରିକ ଜ୍ଞାନର ଚିନ୍ତା ବି କାହାର ନାହିଁ । ସହିଷ୍ଣୁତା, ମାନବୀୟ ସମ୍ବେଦନା, ସହାନୁଭୂତି, ନୈତିକତାର ସ୍କୁଲ ଶିକ୍ଷା ସହିତ କୌଣସି ସମ୍ପର୍କ ନାହିଁ । ପ୍ରତ୍ୟେକ ପରୀକ୍ଷା ପରବର୍ତ୍ତୀ ପରୀକ୍ଷାର ପ୍ରସ୍ତୁତି ପାଇଁ ଶିଢ଼ିର ଏକ ପାହାଚ ମାତ୍ର ହୋଇଯାଇଛି । ଆଗକୁ ବଢ଼ିବା ପାଇଁ, ଅଧିକତମ ନମ୍ବର ରଖିବା ପାଇଁ କୋଚିଙ୍ଗ ଓ ଟିଉସନ ହିଁ ସାହା ।

ସବୁଠାରୁ ବଡ଼ ଦୁର୍ଭାଗ୍ୟ ହେଲା, ପ୍ରାଥମିକ ସ୍ତରରୁ ଅଖିଳ ଭାରତୀୟ ପ୍ରଶାସନିକ ସେବା ପ୍ରତିଯୋଗିତା ତଥା ଗବେଷଣା ପାଇଁ ପ୍ରାର୍ଥୀମାନଙ୍କୁ କଷଟିରେ କଷିବା ସକାଶେ 'ବହୁବିକଳ୍ପ ପ୍ରଶ୍ନ' ହିଁ ପରୀକ୍ଷାରେ ଆସିଥାଏ । ପି.ଏମ୍.ଟି. ହେଉ ବା ଆଇ.ଆଇ.ଟି.ରେ ପ୍ରବେଶ- କେଉଁଠି କୌଣସି ନାବ ନାହିଁ, ଯାହାର ସାହାଯ୍ୟ ପରୀକ୍ଷାର ବୈତରଣୀକୁ ପାର କରାଇବ । ଆହୁରି କିଛି ପ୍ରସଙ୍ଗ ଅଛି, ଯାହାକୁ ଆମେ ଅଣଦେଖା କରିଥାଉ । ସ୍କୁଲ ଶିକ୍ଷାର ଦୁର୍ଗତି ପାଇଁ ସରକାରୀ ତଥା ଘରୋଇ ସ୍କୁଲଗୁଡ଼ିକ ମଧ୍ୟରେ ଜାତି ବ୍ୟବସ୍ଥା ଭଳି ଭେଦଭାବ କରୁଥିବା ମାନସିକତା କ'ଣ ଦାୟୀ ନୁହେଁ ?

ବଞ୍ଚିତ, ଶୋଷିତ ଶ୍ରେଣୀର ପିଲାମାନେ ହିଁ ରାଜ୍ୟ ବୋର୍ଡଗୁଡ଼ିକର ମାନ୍ୟତା ପ୍ରାପ୍ତ ସରକାରୀ ସ୍କୁଲଗୁଡ଼ିକରେ ପଢ଼ନ୍ତି । ଏଠାରେ ଶିକ୍ଷକମାନଙ୍କ ଜୀବନ ମଧ ସବୁଠାରୁ ଦୟନୀୟ ଦେଖାଯାଏ । ତାପରେ ଆସୁଛି ସି.ବି.ଏସ୍.ଇ. ର ପାଠ୍ୟକ୍ରମ ଅନୁସାରେ ସଞ୍ଚାଳିତ ଘରୋଇ, ମହଙ୍ଗା ତଥା କେନ୍ଦ୍ରୀୟ, ସୈନିକ, ନବୋଦୟ ବିଦ୍ୟାଳୟ ଗୁଡ଼ିକର ପାଳି । କିଛି ସମୟ ପୂର୍ବ ପର୍ଯ୍ୟନ୍ତ ଏଗୁଡ଼ିକ ଉପରେ ପ୍ରସିଦ୍ଧ ପବ୍ଲିକ ସ୍କୁଲଗୁଡ଼ିକ ଥିଲେ, ଯେଉଁମାନଙ୍କର ସାଧାରଣ ଜନତା ସହିତ କୌଣସି ସମ୍ବନ୍ଧ ନ ଥିଲା, ଯଥା- ଡୁନ ସ୍କୁଲ, ମେୟୋ କଲେଜ, ସେଣ୍ଟ ପଲ, ଲଭ ଡେଲ, ଲରେନ୍ସ ସ୍କୁଲ ଆଦି ।

ସର୍ବଶ୍ରେଷ୍ଠ ତାଲିକାରେ ସବା ଉପରେ 'ଇଣ୍ଟରନ୍ୟାସନାଲ ବେକୋଲରେଟ'ର ପ୍ରସ୍ତୁତି କରାଉଥିବା ସ୍କୁଲଗୁଡ଼ିକ ରହିଛି, ଯାହାର ଛାତ୍ରଛାତ୍ରୀମାନେ ବିଦେଶୀ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ବିନା ଝଞ୍ଝଟରେ ପ୍ରବେଶ ନେଇ ପାରନ୍ତି । ସେଥିପାଇଁ ଶାସକ ବର୍ଗ ସାଧାରଣ ସ୍କୁଲଗୁଡ଼ିକର ଦୁରାରୋଗ୍ୟ ବେମାରି ଓ ଆକାଶଛୁଆଁ ଅଙ୍କ ପ୍ରାପ୍ତିର ମହାମାରୀ ପ୍ରତି ଚିନ୍ତିତ ନୁହନ୍ତି ।

ସମସ୍ୟା ତ ସେହି କିଶୋର-କିଶୋରୀମାନଙ୍କର ହୁଏ, ଯେଉଁମାନେ ୯୮-୯୯ ପ୍ରତିଶତ ଅଙ୍କ ହାସଲ କରି ପାରନ୍ତି ନାହିଁ । ସେମାନଙ୍କ ମନରେ ଭୟଙ୍କର ହୀନତାର ଭାବନା ଚେର ମାଡ଼ିଯାଏ । ଅଭିଭାବକଙ୍କ ନିରାଶା ପାଇଁ ସେମାନେ ନିଜକୁ ଦାୟୀ ମନେ କରନ୍ତି, ପ୍ରତ୍ୟେକ ସ୍ଥାନରେ କମ୍ ଅଙ୍କ ଯୋଗୁଁ ପ୍ରତାଡ଼ିତ ହୁଅନ୍ତି ଏବଂ କୁଣ୍ଠିତ, ଚାପଗ୍ରସ୍ତ ହୋଇ ନିଶାରେ ଜୀବନ ନଷ୍ଟ କରି ଦିଅନ୍ତି ବା ଅସାମାଜିକ ଆଚରଣ ଦିଗରେ ଅଗ୍ରସର ହୋଇ ଶିକ୍ଷିତଙ୍କୁ ନିକମା ସାବ୍ୟସ୍ତ କରିବାରେ ଲାଗିଯାନ୍ତି ।

ଏହି ସ୍ଥିତି ସମାଜ ପାଇଁ ଅତ୍ୟନ୍ତ ଚିନ୍ତାଜନକ । ରାଜନୀତି ଓ ଅର୍ଥ ବ୍ୟବସ୍ଥାର ସମସ୍ତ ବିକାର ଶିକ୍ଷାର ମୂଲ୍ୟ ତଥା ସଂସ୍କାର ଗୁଡ଼ିକର ଘନଘୋର ଅଭାବରୁ ଉତ୍ପନ୍ନ ହୋଇଛି । ମୂଲ୍ୟ ଓ ସଂସ୍କାର ବହୁବିକଳ୍ପ ପ୍ରଶ୍ନଗୁଡ଼ିକର ଆଦର୍ଶ ଉତ୍ତରରେ ଚାବିରୁ ପ୍ରାପ୍ତ କରାଯାଇ ନ ପାରେ । ଗଳାକଟା ପ୍ରତି ସ୍ପର୍ଦ୍ଧାର ପ୍ରସ୍ତୁତି କରାଉଥିବା କୋଚିଙ୍ଗ ସଂସ୍ଥାନ ବା କୁଶଳ ଟିଉଟର ଏହି ଉପହାର ବା ବରଦାନ ଦେଇ ପାରିବେ ନାହିଁ ।

ଆମେ ଶିକ୍ଷାର ମାଧ୍ୟମ ରୂପେ ମାତୃଭାଷାକୁ ଉପେକ୍ଷା କରି, ପାରିବାରିକ-ସ୍ଥାନୀୟ ଉତ୍ତରାଧିକାରରୁ ବଞ୍ଚିତ କରି ନିଜର ପିଲାମାନଙ୍କୁ ପଙ୍ଗୁ ନ କରିବା ଅତ୍ୟନ୍ତ ଜରୁରୀ । ସାକ୍ଷରତାକୁ ଶିକ୍ଷାର ପର୍ଯ୍ୟାୟ ମାନିବା ଆତ୍ମଘାତକ । ବୋର୍ଡ ପରୀକ୍ଷାରେ ଅଙ୍କର ମରୀଚିକାରୁ ମୁକ୍ତି ବିନା ଆମର କଲ୍ୟାଣ ହେବ ନାହିଁ । ବିଦ୍ୟାର୍ଥୀଙ୍କ ମଧ୍ୟରେ ଉତ୍ତମ ସଂସ୍କାରର ବିକାଶ ହେଉ । ସେ ଜ୍ଞାନ ସମ୍ପନ୍ନ ହେବା ପାଇଁ ଅଭ୍ୟାସ କରୁ ।

ଚରିତ୍ର ସମ୍ପନ୍ନତା ପାଇଁ ସଙ୍କୋଚତା, ବିନମ୍ରତା ଆଦିକୁ ନିଜର ଆଚାର-ବିଚାରରେ ସାମିଲ କରୁ । ସୁସ୍ଥ ଶରୀର ଓ ଚରିତ୍ର ସମ୍ପନ୍ନତା ପାଇଁ ନିୟମିତ ଆସନ-ପ୍ରାଣାୟାମ, ଧ୍ୟାନ ଆଦିର ପ୍ରୟୋଗ କରୁ । ଏହା ସହିତ ନିଶାମୁକ୍ତିର ଅଭ୍ୟାସ ବି କରୁ ।

ଯଦି ବିଦ୍ୟାର୍ଥୀମାନେ ଉତ୍ତମ ହେବେ ତେବେ ଆମ ଦେଶର ଭବିଷ୍ୟତ ଉତ୍ତମ ହେବ ବୋଲି ଆଶା କରାଯାଇପାରେ । କୌଣସି ବିଦ୍ୟାର୍ଥୀ ଖରାପ ହୋଇ ନ ଥାଏ, କେବଳ ତା'ର ମୌଳିକ ବିଶେଷତା ଗୁଡ଼ିକର ପରଖ କରାଯିବା ଆବଶ୍ୟକ ।

# ଯୁଗଧର୍ମ

ଆମ ସଂସ୍କୃତିର ଜୀବନ ସିଦ୍ଧାନ୍ତ ଗୁଡ଼ିକରେ ମନୁଷ୍ୟ ପାଇଁ ଉତ୍କୃଷ୍ଟତମ ମାର୍ଗ ହେଉଛି- ଧର୍ମର ମାର୍ଗ । ଏଠାରେ ଧର୍ମକୁ କୌଣସି ବେଶଭୂଷା, ପରମ୍ପରା, ମତ, ସମ୍ପ୍ରଦାୟ ଅର୍ଥରେ ନୁହେଁ, ବରଂ କର୍ତ୍ତବ୍ୟ, ଅନୁଶାସନ, ଦାୟିତ୍ୱବୋଧ, ନୈତିକତା ଭଳି ଜୀବନମୂଲ୍ୟ ଗୁଡ଼ିକ ରୂପେ ସ୍ୱୀକାର କରାଯାଇଛି । ସେଥିପାଇଁ ମନୁଷ୍ୟ ଜୀବନର ସମସ୍ତ କାର୍ଯ୍ୟ-କର୍ତ୍ତବ୍ୟଗୁଡ଼ିକୁ ଭାରତୀୟ ଜୀବନ ପଦ୍ଧତିରେ ଧର୍ମ ସହିତ ଯୋଡ଼ାଯାଇଛି । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ କରାଯାଉଥିବା ସମସ୍ତ କର୍ତ୍ତବ୍ୟର ବୋଧ କରାଇବା ପାଇଁ ଧର୍ମର ଅବଲମ୍ବନ ନିଆଯାଇଛି ।

ମନୁଷ୍ୟର ପ୍ରତ୍ୟେକ କର୍ମ, ଆଚରଣ, ବ୍ୟବହାର କୌଣସି ନା କୌଣସି କର୍ତ୍ତବ୍ୟ ରୂପୀ ଧର୍ମ ଦ୍ୱାରା ଅନୁଶାସିତ । ନିଜ ପାଇଁ ସ୍ୱଧର୍ମ, ପରିବାର-ସମାଜ ପାଇଁ ପୁତ୍ର ଧର୍ମ, ପିତୃଧର୍ମ, ମାତୃଧର୍ମ, ମିତ୍ରଧର୍ମ, ନୈତିକ ଧର୍ମ, ଅତିଥି ଧର୍ମ ଓ ନାଗରିକ ଧର୍ମ, ରାଷ୍ଟ୍ରଧର୍ମ ଭଳି ଅସଂଖ୍ୟ କର୍ତ୍ତବ୍ୟ ଓ ଅନୁଶାସନ ରୂପୀ ଧର୍ମ ଦ୍ୱାରା ଆମ ଜୀବନକୁ ସଂଯମିତ, ବିକଶିତ ଓ ସାମଞ୍ଜସ୍ୟ ପୂର୍ଣ୍ଣ ଜୀବନ ପଦ୍ଧତିରେ ବାନ୍ଧିବା ଓ ଚାଲିବାର ମାର୍ଗ ଶାସ୍ତ୍ରଗୁଡ଼ିକରେ ନିହିତ । ଧର୍ମ-କର୍ତ୍ତବ୍ୟରେ ବୁଣା ହୋଇଥିବା ଏହି ଜୀବନ ପଦ୍ଧତି ଅନୁସାରେ ଚାଲି ଆମର ସାଂସ୍କୃତିକ, ଧାର୍ମିକ ଓ ସାମାଜିକ ଜୀବନ ମୂଲ୍ୟଗୁଡ଼ିକର ପୋଷଣ ଏବଂ ସଂରକ୍ଷଣ କରିବାରେ ଆମେ ଯୁଗ- ଯୁଗାନ୍ତରରୁ ସଫଳ ହୋଇଛେ । ବିବିଧତାରେ ଏକତା, ନୈତିକତାରେ ଆଧ୍ୟାତ୍ମିକତା, ଆତ୍ମାରେ ପର ମାତ୍ମା ଓ ପରମାତ୍ମାରେ ବିଶ୍ୱ ବସୁଧାର ସମନ୍ୱୟର ମୂଳ ଶକ୍ତିର କେନ୍ଦ୍ର ଆମ ଶାସ୍ତ୍ରଗୁଡ଼ିକରେ ବର୍ଣ୍ଣିତ ଏହି କର୍ତ୍ତବ୍ୟ ରୂପୀ ଧର୍ମ ସିଦ୍ଧାନ୍ତ ଅଟେ, କିନ୍ତୁ ପ୍ରାଚୀନ କାଳରୁ ନେଇ ଆଜି ପର୍ଯ୍ୟନ୍ତ ଯେତେବେଳେ ବି ଧର୍ମର ଡୋର ଢିଲା ହୋଇଛି, ଦୁର୍ବଳ ହୋଇଛି, ମନୁଷ୍ୟ ଜୀବନର ପାଦ ଏହି କର୍ତ୍ତବ୍ୟ ପଥରୁ ବିମୁଖ ହୋଇଛି, ସେତେବେଳେ ବ୍ୟକ୍ତି, ସମାଜ, ରାଷ୍ଟ୍ର ଓ ସମ୍ପୂର୍ଣ୍ଣ ମାନବ ଜାତି ଉପରେ ସଂକଟ ଗମ୍ଭୀର ହୋଇଛି, ଇତିହାସ ଏହାର ସାକ୍ଷୀ । ଏକଥା ବି ସତ୍ୟ ଯେ ଏଭଳି ସଂକଟରୁ ମୁକୁଳିବା ପାଇଁ ପ୍ରତ୍ୟେକ ସମୟରେ ମହାପୁରୁଷ, ଅବତାର, ଦିବ୍ୟାତ୍ମାମାନେ ଆସି ପୁନଃ ଧର୍ମ ସ୍ଥାପନାର ମହାନ୍ ପୁରୁଷାର୍ଥ କରିଛନ୍ତି ।

ଭଗବାନ ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ମହାବୀର, ଆଚାର୍ଯ୍ୟ ଶଙ୍କର, ମହର୍ଷି ଦୟାନନ୍ଦ, ଶ୍ରୀରାମକୃଷ୍ଣ ପରମହଂସ, ଶ୍ରୀ ଅରବିନ୍ଦ, ମହର୍ଷି ରମଣ ପର୍ଯ୍ୟନ୍ତ ସୁଦୀର୍ଘ ପରମ୍ପରାରେ ସମସ୍ତଙ୍କ ସମକ୍ଷରେ ଧର୍ମମାର୍ଗରୁ ଭ୍ରମିତ ମାନବତାକୁ ପୁନଃ ନିଜର କର୍ତ୍ତବ୍ୟ ପଥରେ ଫେରାଇ ଆଣିବାର ପବିତ୍ର ଉଦ୍ଦେଶ୍ୟ ନିହିତ ରହିଛି । ଏହି ସବୁ ମହାନ୍ ଆତ୍ମା ଧର୍ମ ସ୍ଥାପନର ପବିତ୍ର ଉଦ୍ଦେଶ୍ୟକୁ ସମ୍ମୁଖରେ ରଖି ନିଜ ନିଜର କାଳଖଣ୍ଡରେ ଯୁଗଧର୍ମର ନିର୍ବାହ କରିଛନ୍ତି ।

ଯୁଗଧର୍ମର ତାତ୍ପର୍ଯ୍ୟ ହେଉଛି ସମୟର ଆବଶ୍ୟକତା ପୂରଣ କରିବା । ସମୟ, ଦେଶ, କାଳ, ପରିସ୍ଥିତି ଅନୁସାରେ ଆଚରଣ ଓ ବ୍ୟବହାର କରିବା । ମନୁଷ୍ୟ ଜୀବନ ସହିତ ଜଡ଼ିତ ଅନ୍ୟ ସମସ୍ତ କର୍ତ୍ତବ୍ୟ, ଧର୍ମ ମଧ୍ୟରେ ଯୁଗଧର୍ମକୁ ସବୁଠାରୁ ପ୍ରଧାନ ଓ ଅନିବାର୍ଯ୍ୟ କୁହାଯାଇଛି ।

ଯୁଗଧର୍ମର ଆବଶ୍ୟକତା ସେତେବେଳେ ପଡ଼ିଥାଏ, ଯେତେବେଳେ ଜୀବନରେ ଅନ୍ୟ କର୍ତ୍ତବ୍ୟ ଧର୍ମଗୁଡ଼ିକର ହ୍ରାସ ହେବାରେ ଲାଗେ । ଏହି ଯୁଗଧର୍ମ ରୂପୀ କର୍ତ୍ତବ୍ୟ ସେହି ସମୟରେ ଉତ୍ପନ୍ନ ହୋଇଥାଏ ଯେତେବେଳେ ବ୍ୟକ୍ତି, ସମାଜ ଓ ରାଷ୍ଟ୍ରର ଚିନ୍ତନ-ଚେତନା ଅଧର୍ମର ଅନୁଗାମୀ ହୋଇ ଦୁଷ୍ପ୍ରବୃତ୍ତି, ଦୁରାଚାରଗୁଡ଼ିକର ପୋଷକ ହୋଇଯାଏ ଏବଂ ସେତେବେଳେ ଚାରିଆଡ଼େ ଦୁଃଖ, ପୀଡ଼ା, ପତନ, ବିକ୍ଷୋଭ, ଭୟ, ଅଶାନ୍ତି, ହିଂସା, କ୍ରୂରତା, ସ୍ୱାର୍ଥ, ଅହଂକାର, ମିଥ୍ୟା– ଛଳନା, ଶଠତାର ଦୃଶ୍ୟ ଦେଖାଯିବାରେ ଲାଗେ ।

ଏଭଳି ବିଷମ କାଳରେ ଯୁଗଧର୍ମର ସଂବାହକ ଚେତନା ପ୍ରକଟ ହୋଇଥାଏ ଏବଂ ମନୁଷ୍ୟ ମାତ୍ରକୁ ସଂକଟରୁ ମୁକ୍ତ କରି କଲ୍ୟାଣକାରୀ ଦିଗରେ ଆଗକୁ ବଢ଼ିବାର ମାର୍ଗ ଦେଖାଏ ।

ବର୍ତ୍ତମାନର ଯୁଗଧର୍ମକୁ ଚିହ୍ନିବା ଓ ତା ସହିତ ଯୋଡ଼ି ହେବାର ଆହ୍ୱାନ କଳିଯୁଗରେ ଦାନକୁ ସବୁଠାରୁ ବଡ଼ ଧର୍ମ କୁହାଯାଇଛି । ସ୍ମୃତି ଗ୍ରନ୍ଥଗୁଡ଼ିକରେ ଉଲ୍ଲେଖ ଅଛି ଯେ ସତ୍ୟଯୁଗରେ ସବୁଠାରୁ ବଡ଼ ଧର୍ମ ତପ, ତ୍ରେତାଯୁଗରେ ଜ୍ଞାନ, ଦ୍ୱାପର ଯୁଗରେ ଯଜ୍ଞ ଓ କଳିଯୁଗରେ ଦାନ ହିଁ ସବୁଠାରୁ ବଡ଼ ଧର୍ମ । ଧନ, ସାଧନ, ସମ୍ପଦ, ସାମଗ୍ରୀର ଦାନ ତ ଲୋକେ ପ୍ରାୟ କରନ୍ତି, ସମସ୍ତଙ୍କ ପାଇଁ ଏହା ସହଜ ମଧ, କିନ୍ତୁ ସମୟଦାନ ଏଗୁଡ଼ିକ ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ଆବଶ୍ୟକ ।

ଏପରି ଲୋକଙ୍କର ଅଭାବ ନାହିଁ, ଯେଉଁମାନଙ୍କ ଭିତରେ ସଦ୍‌ଭାବନା ଓ ଶ୍ରେଷ୍ଠ ଚିନ୍ତନର ଧାରା ପ୍ରବାହିତ ହେଉଥାଏ, କିନ୍ତୁ ଜୀବିକା ଉପାର୍ଜନର କାର୍ଯ୍ୟ ଏବଂ ଅନ୍ୟ ଦାୟିତ୍ୱ- କ୍ରିୟାକଳାପ ଗୁଡ଼ିକରେ ହିଁ ସେମାନଙ୍କର ପୂରା ସମୟ ଲାଗିଯାଏ, ଫଳସ୍ୱରୂପ ସତ୍ୟପ୍ରବୃତ୍ତି ଗୁଡ଼ିକର ପ୍ରଚାର-ପ୍ରସାର ଏବଂ ଦୁଷ୍ପ୍ରବୃତ୍ତିଗୁଡ଼ିକର ଉନ୍ମୂଳନ ଦିଗରେ କୌଣସି ସାର୍ଥକ ଯୋଗଦାନ କରି ପାରନ୍ତି ନାହିଁ । ଏଥିପାଇଁ ସମୟଦାନର ମାର୍ଗ ହିଁ ସର୍ବୋତ୍ତମ । ନିଜ ସମୟର ଏକ ଛୋଟ ଅଂଶ ନିୟମିତ ରୂପେ ଆତ୍ମକଲ୍ୟାଣ ଓ ଲୋକ କଲ୍ୟାଣର କାର୍ଯ୍ୟଗୁଡ଼ିକରେ ନିୟୋଜନ କରିବା ଦ୍ୱାରା ଯୁଗଧର୍ମର ନିର୍ବାହ ହୋଇଯାଏ ।

କେବଳ ଆମ ଦେଶ ହିଁ ନୁହେଁ, ବରଂ ପୂରା ବିଶ୍ୱମାନବତା ଆଜି ଧର୍ମ ସଂକଟର କୁଚକ୍ରରେ ଫସି ଚିତ୍କାର କରୁଛି, ମନୁଷ୍ୟ ଜୀବନ ପୀଡ଼ା-ପତନର ପରାକାଷ୍ଠା ପର୍ଯ୍ୟନ୍ତ ପହଞ୍ଚି ସାରିଛି, ଏଗୁଡ଼ିକରୁ ମୁକ୍ତି ପାଇଁ ଓ ଭାବୀ କଲ୍ୟାଣକୁ ସୁନିଶ୍ଚିତ କରିବା ପାଇଁ ସଂଗଠନର ଶକ୍ତି ହିଁ ଯୁଗଧର୍ମର ନେତୃତ୍ୱ କରିବାରେ ସମର୍ଥ ।

ସମୟର ଦାବି ହେଉଛି, ମନୁଷ୍ୟ ହୋଇଥିବା ଦୃଷ୍ଟିରୁ ପ୍ରତ୍ୟେକ ମନୁଷ୍ୟ ମାନବତା ଉପରେ ଛାଇ ରହିଥିବା ଦୁର୍ବୁଦ୍ଧିଜନିତ ସଂକଟର ନିବାରଣରେ ନିଜର ଭାଗୀଦାରୀ ଅନିବାର୍ଯ୍ୟ ରୂପେ ସୁନିଶ୍ଚିତ କରିବା ଉଚିତ । ଯେଉଁଠି ଅଛନ୍ତି, ଯେପରି ଅଛନ୍ତି, ସେଠାରୁ ସତ୍‌ଚିନ୍ତନ ଓ ସଦ୍‌ଭାବନାର ବିସ୍ତାରରେ ସଂଲଗ୍ନ ହୋଇ ଯୁଗଧର୍ମର ଆହ୍ୱାନ ଶିରୋଧାର୍ଯ୍ୟ କରିନେବା ଉଚିତ । ଯଦି କେହି ଚିନ୍ତା କରେ ଯେ ଏହା ତ ଆମର କାମ ନୁହେଁ ଏବଂ ଏଥପାଇଁ ଆମ ପାଖରେ କୌଣସି ସମୟ ନାହିଁ ତାହାହେଲେ ଏପରି ଲୋକଙ୍କ ମଧ୍ୟରେ ସଦ୍‌ବୁଦ୍ଧି ଆସିବା ପାଇଁ କୁହାଯାଇପାରେ ଯେ ଯେଉଁଠି ଆପଣ ରହୁଛନ୍ତି ସେଠାରେ ଭଗବାନ ନ କରନ୍ତୁ, ଯଦି କୌଣସି କାରଣରୁ ସେଠାରେ ନିଆଁ ଲାଗିଯାଏ, ବନ୍ୟା ଆସିଯାଏ ତାହେଲେ ଆପଣ ସେତେବେଳେ କ୍ଷଣେ ମାତ୍ର ସମୟ ନଷ୍ଟ ନ କରି, ସବୁ କିଛି ଛାଡ଼ି ଜୀବନ ସୁରକ୍ଷା, ଆପଦ ନିବାରଣ କାର୍ଯ୍ୟରେ ଲାଗି ପଡ଼ିବେ, ଧାଇଁଯିବେ । ସାଧାରଣ କର୍ତ୍ତବ୍ୟ-ଧର୍ମ ତ୍ୟାଗ କରି ଆପଦ ଧର୍ମର ନିର୍ବାହ କରିବେ ।

ବର୍ତ୍ତମାନ କିଛି ଏପରି ଆପଦ ମନୁଷ୍ୟ ଜୀବନରେ ଆସି ସାରିଛି ବୋଲି ବୁଝନ୍ତୁ, ଧରିତ୍ରୀରୁ ମାନବତାର ସାମ୍ରାଜ୍ୟକୁ ଜାଳିପୋଡ଼ି ନଷ୍ଟ କରିଦେବା ଭଳି ନିଆଁ ଦାବାନଳର ରୂପ ନେଇଛି । ଶରୀର, ମନ ଓ ଆତ୍ମାର ସ୍ତରରେ ଜୀବନଶକ୍ତି ଏବଂ ଉର୍ଦ୍ଧ୍ୱରେ ମନୁଷ୍ୟ ନିରନ୍ତର ହୀନ ହୋଇ ଚାଲିଛି । ଚିନ୍ତନର ସଂକୀର୍ଣ୍ଣତା, ବିଚାରର ବିଷାକ୍ତତା, ଭାବନାର ନିର୍ଦ୍ଦୟତା-ନିଷ୍ଠୁରତା ମନୁଷ୍ୟ ଜୀବନକୁ ଆଦର୍ଶ ମୂଲ୍ୟଗୁଡ଼ିକରୁ ରିକ୍ତ କରିଦେଇଛି । ଚାହାନ୍ତୁ କି ନ ଚାହାନ୍ତୁ ସମସ୍ତେ ପରସ୍ପରର ପୀଡ଼ା, ପତନ, ପରାଭବର କାରଣ ସାଜି ବସିଛନ୍ତି ।

ଏକବିଂଶ ଶତାବ୍ଦୀର ଦୁଇ ଦଶକ ବିତିଗଲାଣି । ସୁଖ, ଶାନ୍ତି ଓ ଆନନ୍ଦର ଶାଶ୍ୱତ ଇଚ୍ଛା କରୁଥିବା ମନୁଷ୍ୟ ଆଜି ଯେଉଁ ସ୍ଥାନରେ ଅଛି, ତାହା ଦୁର୍ଭାଗ୍ୟପୂର୍ଣ୍ଣ । ଅନ୍ତର୍ଜଗତରେ ବିକ୍ଷୋଭ, ଅଶାନ୍ତି, ଭୟ, ଅସ୍ଥିରତା, ଅସନ୍ତୋଷ, ଚିନ୍ତା, ଚାପ ଓ ଦ୍ୱନ୍ଦ୍ୱ ଭଳି ବିକୃତିଗୁଡ଼ିକ ସ୍ଥାନ ଗ୍ରହଣ କରିନେଇଛି ଏବଂ ବାହ୍ୟ ଜଗତରେ ପ୍ରଗତିବାଦୀ ଆଧୁନିକତା, ଭୋଗବାଦ, ପୁଞ୍ଜିବାଦ, ଆତଙ୍କ, ଦୁର୍ନୀତି, ମହାମାରୀ, ଅସୁରକ୍ଷା, ସ୍ୱାର୍ଥ– ଅହଂକାରରେ ଜଡ଼ିତ ଲଢ଼େଇ– ଏସବୁ ଆସୁରୀ ବୃତ୍ତିଗୁଡ଼ିକର ଦୁଷ୍ପ୍ରଭାବରେ ଘେରା ଆଜିର ମନୁଷ୍ୟ କିଂକର୍ତ୍ତବ୍ୟବିମୂଢ଼ ଦେଖାଯାଉଛି । ଭିତର-ବାହାର, ଉଭୟ ପାର୍ଶ୍ୱରେ ଜୀବନର ଅସ୍ତିତ୍ୱକୁ ଗିଳି ଦେବା ଭଳି ନିଆଁ ଲାଗିଛି । ଏହି ସଂକଟ ଜୀବନ ଓ ଜୀବନମୂଲ୍ୟ ଗୁଡ଼ିକ ଉପରେ ନୁହେଁ, ବରଂ ଜୀବନର ଅସ୍ତିତ୍ୱ ଉପରେ ବି ରହିଛି । ଯଦି ଚାରିଆଡ଼େ ନିଆଁ ଲାଗିଥିବ ତେବେ ଶୀଘ୍ର ହେଉ କି ବିଳମ୍ବରେ ହେଉ ତାହା ଆମ ପର୍ଯ୍ୟନ୍ତ ବି ଆସିଯିବ । ଏଥିରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେଉଛି ନିଆଁ ଲିଭାଇବା ଦିଗରେ ଚାଲିଯିବା । ପାଣି, ମାଟି ଆଦି ନିଆଁ ଲିଭାଇବା ଜିନିଷ ଯାହା କିଛି ହାତରେ ପଡ଼ିବ, ତାହାକୁ ନେଇ ଆପଦଧର୍ମ କାର୍ଯ୍ୟରେ ଲାଗିଯା'ନ୍ତୁ । ଏତିକି ହୋଇ ନ ପାରିଲେ ଅତି କମ୍‌ରେ ସେହି ଲୋକଙ୍କ ସାଙ୍ଗରେ ଠିଆ ହୋଇଯା'ନ୍ତୁ, ଯେଉଁମାନେ ପୂର୍ବରୁ ନିଆଁ ଲିଭାଇବା କାର୍ଯ୍ୟରେ ଲାଗିଛନ୍ତି, ସେହି ସାହସୀ – ଲୋକମାନଙ୍କ ଉତ୍ସାହ ବଢ଼ାନ୍ତୁ ।

ପରମାତ୍ମା ମନୁଷ୍ୟ ମାତ୍ରକୁ ସେହି ସମ୍ଭାବନାରେ ଯୁକ୍ତ କରିଛନ୍ତି, ଯାହାର ସଂକଳ୍ପ, ଇଚ୍ଛା ଓ ପ୍ରଚଣ୍ଡ – ପୁରୁଷାର୍ଥ ସମକ୍ଷରେ ଦୁନିଆର କୌଣସି ସଂକଟ ତିଷ୍ଠି ପାରିବ ନାହିଁ । ଆଜିର ଯୁଗ ସଂକଟର ସମାଧାନ ପାଇଁ ମଧ ଦୃଢ଼ ଇଚ୍ଛାଶକ୍ତି ଓ ପ୍ରବଳ ପୁରୁଷାର୍ଥର ଆବଶ୍ୟକତା ରହିଛି । ସମୟର ଦାବି ହେଉଛି, ମନୁଷ୍ୟ ଜୀବନର ଚାରିଆଡ଼େ ଯେଉଁ ନିଆଁ ଲାଗିଥିବାର ଦେଖାଯାଉଛି, ତାହାର ମୂଳ କାରଣ ବିକୃତ ଚିନ୍ତନ ଓ ଦୂଷିତ ଭାବନା ଅଟେ । ଏହି ନିଆଁକୁ ଲିଭାଇବାର ଏକମାତ୍ର ଉପାୟ ହେଉଛି ସଚ୍ଚିନ୍ତନ ଏବଂ ସଦ୍‌ଭାବନାର ପ୍ରସାର- ବିସ୍ତାର । ଦୁଷ୍ପ୍ରବୃତ୍ତି, ଦୁଷ୍କର୍ମ, ଦୁରାଚରଣର ମାର୍ଗରେ ଭ୍ରମିତ ହେଉଥିବା ବ୍ୟକ୍ତି, ସମାଜ ଓ ବିଶ୍ୱକୁ ସତ୍‌ଚିନ୍ତନ ଏବଂ ସଦ୍‌ଭାବନା ଦ୍ୱାରା ହିଁ ଦୁଃଖଦ ନିୟତିରୁ ବଞ୍ଚାଇ ସୁଖଦ କଲ୍ୟାଣକାରୀ ମାର୍ଗକୁ ଅଣାଯାଇ ପାରିବ । ଏ ଯୁଗର ଯୁଗଧର୍ମ ହେଉଛି ଆମେ ସବୁ ସାଧାରଣ କର୍ତ୍ତବ୍ୟ ଧର୍ମଗୁଡ଼ିକର ଚିନ୍ତା ନ କରି ଯୁଗଧର୍ମର ଆହ୍ୱାନକୁ ସ୍ୱୀକାର କରିବା ଏବଂ ସତ୍ୟପ୍ରବୃତ୍ତି, ସଚ୍ଚିନ୍ତନ ଓ ସତ୍ତ୍ୱକର୍ମର କାର୍ଯ୍ୟରେ ନିଜର ଭାଗୀଦାରୀ ସୁନିଶ୍ଚିତ କରିବା । ସମୟଦାନ ହିଁ ଯୁଗଧର୍ମର ମର୍ମକୁ ବୁଝନ୍ତୁ-ବୁଝାନ୍ତୁ ତଥା ବିଶ୍ୱମାନବତା ସମକ୍ଷରେ ଉଜ୍ଜ୍ୱଳ ଭବିଷ୍ୟତର ଉତ୍ତରାଧିକାରୀ ହୁଅନ୍ତୁ ।

# ରୋଗରୁ ମୁକ୍ତି ଦିଏ କାଙ୍କଡ଼

କାଙ୍କଡ଼ ସହଜରେ ହଜମ ହୋଇଥାଏ । ଏହାକୁ ଔଷଧ ରୂପରେ ବ୍ୟବହାର କରାଯାଏ । ୧୦୦ ଗ୍ରାମ କାଙ୍କଡ଼ରେ ୧୭ କ୍ୟାଲୋରି ମିଳିଥାଏ । ଏଥିରେ ଫାଇବର, ଖଣିଜ, ଭିଟାମିନ୍ ଓ ଆଣ୍ଟିଅକ୍ସିଡାଣ୍ଟ ଭଳି ବିଭିନ୍ନ ପୋଷକ ତତ୍ତ୍ୱ ଭରି ରହିଥାଏ ।



**ଗର୍ଭବତୀଙ୍କ ପାଇଁ ଉପଯୋଗୀ :** ଗର୍ଭବତୀଙ୍କ ପାଇଁ କାଙ୍କଡ଼ ଖୁବ୍ ଉପାଦେୟ । ଏଥିରେ ଥିବା ଉତ୍ତମ ସ୍ରୋତ କୋଷିକାର ବିକାଶ ଓ ପ୍ରଜନନ ପାଇଁ ଆବଶ୍ୟକ ହୋଇଥାଏ । ଯଦି ଗର୍ଭବତୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଚାହୁଁଛନ୍ତି ତେବେ ନିୟମିତ ଖାଦ୍ୟରେ ନିଶ୍ଚୟ ଅଳ୍ପ କାଙ୍କଡ଼ ଖାଆନ୍ତୁ । ଏହା ନ୍ୟୁରଲ ଟ୍ୟୁବ୍ ଡିଫେକ୍ଟକୁ କମ୍ କରିଥାଏ ।

**କ୍ୟାନସର ଦୂର କରେ :** କ୍ୟାନସର ଶରୀରରେ ଅତ୍ୟଧିକ ବିଷାକ୍ତ କୋଷିକାକୁ ନାଶ କରିଥାଏ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରି ରହିଛି । କ୍ୟାନସର ସମ୍ଭାବନାକୁ କମ୍ କରିଥାଏ ।

## ଆଜିର ଚିନ୍ତନ

ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଧର୍ମ-ଅଧର୍ମ ମଧ୍ୟରେ ସଂଗଠିତ ହୋଇଥିବା ମହାଭାରତ ଯୁଦ୍ଧ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥାଏ । ବୃକୋଦରର ଗଦାଘାତରେ ଭଗ୍ନଜାନୁ ହୋଇ କୁରୁକୁଳ ଚୂଡ଼ାମଣି ଦୁର୍ଯ୍ୟୋଧନ ମୃତ୍ୟୁ ଅପେକ୍ଷାରେ ଥା'ନ୍ତି । ଏଭଳି ଏକ ସମୟରେ ତାଙ୍କ ନିକଟରେ ପହଞ୍ଚିଥିଲେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପୁତ୍ର ଅଶ୍ୱତ୍ଥାମା । ନିପାଣ୍ଡବା ପୃଥ୍ୱୀ କରିବା ପାଇଁ ମରଣାପନ୍ନ ଦୁର୍ଯ୍ୟୋଧନଙ୍କୁ ନିଜର ପ୍ରତିଶ୍ରୁତି ଦେଇ ଅଗ୍ରସର ହୋଇଥିଲେ ରାତିର ଘନ ଅନ୍ଧକାର ମଧ୍ୟରେ ପାଣ୍ଡବ ଶିବିର ଅଭିମୁଖେ ଓ ଚୋରଙ୍କ ପରି ଲୁଚିଲୁଚି ଶିବିରରେ ପ୍ରବେଶ କରି ପାଣ୍ଡବ ପାଞ୍ଚଭାଇ ପରିବର୍ତ୍ତେ ଦ୍ରୌପଦୀଙ୍କ ପାଞ୍ଚ ବାଳୁତ କୁମାରଙ୍କୁ ନିଦ୍ରିତ ଅବସ୍ଥାରେ ଶିରଚ୍ଛେଦ କରି ଅତି ସନ୍ତର୍ପଣରେ ସେମାନଙ୍କ ମୁଣ୍ଡ ନେଇ ଚାଲି ଆସିଥିଲେ ଦୁର୍ଯ୍ୟୋଧନଙ୍କ ନିକଟକୁ । ବଂଶର ଶେଷ ସନ୍ତକ ପାଞ୍ଚ କୁମାରଙ୍କ ଛିନ୍ନ ଶରୀର ଦେଖିଲାପରେ ଗଭୀର ଦୁଃଖରେ ଦୁର୍ଯ୍ୟୋଧନ ପ୍ରାଣତ୍ୟାଗ କରିଥିଲେ । ପରଦିନ ଏହା ଜାଣିଲା ପରେ ପାଣ୍ଡବ ଶିବିରରେ ହାହାକାର ପଡ଼ିଯାଇଥିଲା । ଦ୍ରୌପଦୀଙ୍କ ଶୋକର ସୀମା ନଥିଲା ଏଭଳି ଅତି ଦୁଃଖଦ ଘଟଣାରେ । କିଏ ସେହି ଜହ୍ଲାଦ ଯିଏ ନିରପରାଧ କୁମାରମାନଙ୍କୁ ହତ୍ୟା କରିଛି । ଅପରାଧୀକୁ ଧରି କଠୋର ଦଣ୍ଡ ଦେବା ନିମନ୍ତେ ନିଶ୍ଚୟ କରିଥିଲେ । ମଧ୍ୟମ ପାଣ୍ଡବ ଅର୍ଜୁନ ଜାଣିବାକୁ ପାଇଥିଲେ ଯେ ଗୁରୁପୁତ୍ର ଅଶ୍ୱତ୍ଥାମା ହିଁ ଏହି ଜଘନ୍ୟ ହତ୍ୟାର ନାୟକ । ଅବିଳମ୍ବେ ଅଶ୍ୱତ୍ଥାମାଙ୍କୁ ବନ୍ଦୀ ଭାବରେ ଆଣିଥିଲେ ଦ୍ରୌପଦୀଙ୍କ ନିକଟକୁ । ମା' ଭାବରେ ସେ ହିଁ ପୁତ୍ର ହତ୍ୟାକାରୀର ଉଚିତ ଦଣ୍ଡ ବିଧାନ କରିବେ ଏଇ ଉଦ୍ଦେଶ୍ୟରେ । ଦ୍ରୌପଦୀଙ୍କୁ କହିଥିଲେ ପୁତ୍ର ହତ୍ୟାକାରୀ ତୁମ ସମ୍ମୁଖରେ । ଯାହା କିଛି ଉଚିତ ଦଣ୍ଡ ଦେଇପାର । ସମ୍ମୁଖରେ ଠିଆ ହୋଇଥାନ୍ତି ଅଶ୍ୱତ୍ଥାମା । ଦ୍ରୌପଦୀ ଶୋକର ଅତଳ ଦରିଆରେ ଭାସୁଥିଲେ ମଧ କ୍ଷଣକ ପାଇଁ ଅଶ୍ୱତ୍ଥାମାଙ୍କ ମୁହଁକୁ ଚାହିଁଥିଲେ । ପାଣି ଫୋଟକା ଭଳି ଅଚାନକ ତାଙ୍କର ସକଳ କ୍ରୋଧ ଅପସରି ଯାଇଥିଲା । ହୃଦୟ ହୋଇଯାଇଥିଲା କରୁଣାରେ ଆର୍ଦ୍ର । ଅର୍ଜୁନଙ୍କ ଉଦ୍ଦେଶ୍ୟରେ କହିଥିଲେ- ତାଙ୍କୁ ଛାଡ଼ିଦିଅ । ମୁଁ ତାଙ୍କୁ ପ୍ରାଣଦଣ୍ଡ ଦେବାକୁ ଚାହେଁନି । ସେ ଆମର ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପୁଅ । ପାଞ୍ଚପୁତ୍ରଙ୍କୁ ହରାଇ ମୁଁ ଶୋକସାଗରରେ ବୁଡ଼ି ଯାଇଛି ଏହା ସତ୍ୟ, ହେଲେ ଯଦି ଗୁରୁପୁତ୍ରଙ୍କୁ ପ୍ରାଣଦଣ୍ଡରେ ଦଣ୍ଡିତ କରାଯାଏ, ତେବେ ମା' କୃପୀ ସ୍ୱର୍ଗରେ ଥାଇବି ଠିକ୍ ମୋରି ଭଳି ଶୋକସନ୍ତାପରେ ବୁଡ଼ିଯିବେ । ମୋର ପାଞ୍ଚପୁତ୍ର ତ ଆଉ ଫେରିଆସିବେ ନାହିଁ । ପ୍ରତିଶୋଧର ଭାବନା ନେଇ ମୁଁ କାହିଁକି ପୁଣି ଆହୁରି ଦୁଃଖ, ଅଶାନ୍ତିକୁ ଆମନ୍ତ୍ରଣ କରି ଆଣିବି । ଏହା ତ ମୋର ଦୁଃଖକୁ ଦ୍ୱି-ଗୁଣିତ କରିଦେବ ସିନା । ଜଣେ ମା' ଭାବରେ ମୁଁ ଏହା ଚାହୁଁନାହିଁ ଯେ ଅଶ୍ୱତ୍ଥାମାଙ୍କ ସ୍ୱର୍ଗବାସୀ ମାତା ମୋ ଭଳି ଦୁଃଖୀ ହୁଅନ୍ତୁ । ଜଣେ ମା' ଅନ୍ୟର ଦୁଃଖ, ବେଦନା ଯେପରି ଜାଣିଥାଏ, ଅନ୍ୟମାନେ ସେପରି ଜାଣିପାରି ନଥାନ୍ତି । ମା'ର ମମତାକୁ କେବଳ ମା' ହିଁ ତଉଲି ପାରେ । ମୁଁ ତାଙ୍କୁ କ୍ଷମା କରିଦେଲି । ତାଙ୍କୁ ମୁକ୍ତ କରିଦିଅ ।

ଅଶ୍ୱତ୍ଥାମାଙ୍କୁ ମୁକ୍ତ କରି ଦିଆଯାଇଥିଲା । ଅଶ୍ୱତ୍ଥାମା ଲଜ୍ଜିତ ହୋଇ ସେଠାରୁ ଚାଲିଯାଇଥିଲେ ମଧ ଦ୍ରୌପଦୀଙ୍କ ଏତାଦୃଶ କ୍ଷମାଶୀଳତା ଦେଖି ସେ ପଶ୍ଚାତ୍ତାପ କରୁଥିଲେ ନିଜର କ୍ରୁରତା ଯୋଗୁଁ । ଦୁର୍ଯ୍ୟୋଧନଙ୍କୁ ଦେଇଥିବା ବଚନ ରକ୍ଷା ତଥା ପିତୃହତ୍ୟାର ପ୍ରତିଶୋଧ ପ୍ରତିହିଂସାଜନିତ ଏହି ପୈଶାଚିକ କାର୍ଯ୍ୟ ଅଶ୍ୱତ୍ଥାମାଙ୍କୁ ନିରନ୍ତର ଅନୁଶୋଚନାର ଅଗ୍ନିରେ ଜଳାଉଥିଲା । ଯୁଦ୍ଧର ନାୟକ ଦୁର୍ଯ୍ୟୋଧନ ତ ମୁକ୍ତି ପାଇ ଯାଇଥିଲେ, ହେଲେ କୁରକର୍ମା, ଚିରଞ୍ଜୀବୀ ଅଶ୍ୱତ୍ଥାମା ବଣଜଙ୍ଗଲ, ପାହାଡ଼ପର୍ବତ, ନଗର ଜନପଦ, ସବୁଠି ସେଇ ପଶ୍ଚାତ୍ତାପର ନିଆଁରେ ଜଳିଜଳି ଘୂରି ବୁଲୁଥିଲେ ଶେଷହୀନ ଗ୍ଲାନିକୁ ନେଇ ।


ସ୍ମୃତି ଜ୍ୟୋତି

ବର୍ଷ ୨୭, ସଂଖ୍ୟା- ୬, ୫ - ୧୧ ଫେବୃଆରୀ ୨୦୨୩

# କିଏ ଆହ୍ୱାର ଆଦର୍ଶ

ପ୍ରତ୍ୟେକ ମଣିଷ କାହାକୁ ନା କାହାକୁ ନିଜ ଜୀବନର ଆଦର୍ଶ ବୋଲି ଗ୍ରହଣ କରିଥାନ୍ତି । କେତେବେଳେ ପ୍ରକୃତି ଓ ପ୍ରକୃତିକୋଳରେ ଶୋଭା ପାଉଥିବା ନଦନଦୀ, ବୃକ୍ଷଲତା, ପାହାଡ଼, ସୂର୍ଯ୍ୟ ଓ ଚନ୍ଦ୍ର ଆଦି ତ କେତେବେଳେ ପିମ୍ପୁଡ଼ି ଓ ଝିଣ୍ଟିକା ପରି କ୍ଷୁଦ୍ରାତିକ୍ଷୁଦ୍ର ଜୀବଜନ୍ତୁ ଓ ପଶୁପକ୍ଷୀ କେବେ ପୁଣି ପିତାମାତା, ଗୁରୁ, ଗୁରୁଜନ, ସାଧୁସନ୍ଥ ଓ ମହାପୁରୁଷଙ୍କୁ ଆମେ ଆମ ଜୀବନର ଆଦର୍ଶ ଭାବେ ଧରିନେଇ ସେମାନଙ୍କର ପଦାଙ୍କ ଅନୁସରଣ କରିଥାନ୍ତି । ସେମାନଙ୍କ ଜୀବନରୁ ଅନେକ ମହତ୍ ଗୁଣ ଆମେ ଶିକ୍ଷାଲାଭ କରିବା ସହିତ କାମରେ ଲଗାଇବାକୁ ପ୍ରଯତ୍ନ କରିଥାଉ । ସେମାନଙ୍କ ତ୍ୟାଗ ତିତିକ୍ଷା, ସଂଯମତା, ଶୃଙ୍ଖଳା, ସଦାଚାର, ପରୋପକାରିତା ଓ ନୀତିନିଷ୍ଠ ସ୍ୱଭାବ ଆମ ପାଇଁ ବେଶ୍ ପ୍ରଭାବୀ ଓ ପ୍ରେରଣାଦାୟୀ ହୋଇଥାଏ । ଏ ଦେଶ ସାଧୁସନ୍ଥ ଓ ମୁନିଋଷିମାନଙ୍କର ଦେଶ । କେତେକେତେ ମହାତ୍ମା ଓ ମହାପୁରୁଷ ଏ ମାଟିରେ ଜନ୍ମନେଇ ଏ ମାଟିକୁ ପବିତ୍ର ଆଉ ଏ ମଣିଷ ସମାଜକୁ ଶୃଙ୍ଖଳିତ ଓ ନୀତିମୟ ଜୀବନଯାପନର ମାର୍ଗଦର୍ଶନ କରିଯାଇଛନ୍ତି । ଗଭୀର ବନପ୍ରଦେଶର ପତ୍ରକୁଡ଼ିଆଶ୍ରୟୀ ଶିଷ୍ୟଟିଏ ଗୁରୁଙ୍କୁ ଆଦର୍ଶ ରୂପେ ମାନି ଜୀବନ ଜିଇଁବାର ସବୁ କଳାକୌଶଳ ହାସଲ କରିବାକୁ ସକ୍ଷମ ହେଉଥିଲା । ଅଯୋଧାର ରାଜା ଦଶରଥଙ୍କ ପୁତ୍ର ରାମଚନ୍ଦ୍ର ଓ ରାମଚନ୍ଦ୍ରଙ୍କ ପତ୍ନୀ ସୀତା ଏବଂ ଅନ୍ୟ ତିନି ଭାଇ, ସର୍ବୋପରି ରାମଚନ୍ଦ୍ରଙ୍କୁ ଅଯୋଧାବାସୀ ଆଦର୍ଶ ଭାବେ ମାନି ନେଇଥିବା ବେଳେ ଧର୍ମରାଜ ଯୁଧିଷ୍ଠିରଙ୍କୁ ତାଙ୍କର ଅନ୍ୟ ଚାରିଭାଇ ଜୀବନର ଆଦର୍ଶ ବୋଲି ଧରି ନେଇଥିଲେ । ଚାଣକ୍ୟଙ୍କ ଭଳି ବିଦ୍ୱାନ ଓ ପଣ୍ଡିତଙ୍କୁ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଆଦର୍ଶ ବୋଲି ଗ୍ରହଣ କରି ତାଙ୍କରି ପରାମର୍ଶରେ ରାଜକାର୍ଯ୍ୟ ନିର୍ବାହ କରୁଥିଲେ । ଗୁରୁ ଦ୍ରୋଣାଚାର୍ଯ୍ୟଙ୍କୁ ଏକଲବ୍ୟ ଓ ଗୁରୁ ରାମକୃଷ୍ଣ ପରମହଂସଙ୍କୁ ବିବେକାନନ୍ଦ ଆଦର୍ଶ ବୋଲି ମାନି ନେଇଥିବାବେଳେ, ଗୋପାଳକୃଷ୍ଣ ଗୋଖଲେଙ୍କୁ ମହାତ୍ମା ଗାନ୍ଧୀ ଓ ଚିତ୍ତରଞ୍ଜନ ଦାସଙ୍କୁ ସୁଭାଷ ବୋଷ ଜୀବନର ଆଦର୍ଶ ଭାବେ ଏବଂ ଏ ସମସ୍ତଙ୍କୁ ଆମେ ଆମର ଆଦର୍ଶ ଭାବେ ଗ୍ରହଣ କରିଛନ୍ତି । ଧର୍ମପଦ ଓ ବାଜି ରାଉତଙ୍କ ଭଳି ଏଠି ଜନ୍ମ ଲଭିଥିବା ଏମିତି ଅନେକ ବରପୁତ୍ର ଓ ଯୋଗଜନ୍ମାଙ୍କୁ ଆମେ ଆମ ଜୀବନର ଆଦର୍ଶ ବୋଲି ଆଜିଯାଏଁ ବି ମାନି ଆସୁଛନ୍ତି । ଏମାନେ ମଣିଷ ଓ ମଣିଷ ସମାଜର ହିତପାଇଁ ସେମାନଙ୍କ ଜୀବନକୁ ଯେ ଉତ୍ସର୍ଗ କରିଦେଇଥିଲେ ଏହା ନିଃସନ୍ଦେହ । ଏମାନଙ୍କ ଜୀବନ ତ୍ୟାଗ, ତିତିକ୍ଷାର ବିରଳ ଉଦାହରଣ । ନିଃସ୍ୱାର୍ଥରେ ସମସ୍ତଙ୍କର ବୋଝ ମୁଣ୍ଡେଇଥିବା ଓ ଶସ୍ୟ ଫଳାଉଥିବା ପୃଥିବୀ, ମଣିଷକୁ ବଞ୍ଚାଇ ରଖିବା ବୃକ୍ଷ, ସକଳ ଶକ୍ତିର ଆଧାର ଭାବେ ସୂର୍ଯ୍ୟ, ପ୍ରାଣକୁ ଶାନ୍ତି ଓ ଶୀତଳତାରେ ଭରି ଦେଉଥିବା ଚନ୍ଦ୍ର, ପ୍ରାଣର ସ୍ପନ୍ଦନକୁ କ୍ରିୟାଶୀଳ କରାଉଥିବା ପବନ, ସକଳ ବାଧାବିପତ୍ତିକୁ ସାମ୍ନା କରିବାର ପ୍ରେରଣା ଦେଉଥିବା ପାହାଡ଼ ଓ ପ୍ରତିକୂଳତାକୁ ଭ୍ରୂକ୍ଷେପ ନକରି ଆଗକୁ ଆଗେଇ ଯିବାକୁ ଉତ୍ସାହିତ କରୁଥିବା ନଈ ଆଦି ସମସ୍ତେ ଆମର ଆଦର୍ଶ ଓ ପ୍ରେରଣାର ଗୋଟେ ଗୋଟେ ବଳିଷ୍ଠ ଉତ୍ସ । ଏ ସମସ୍ତେ ନିରନ୍ତର, ନିଃସ୍ୱାର୍ଥପର ଓ ନିରବଛିନ୍ନ ଭାବେ ସେମାନଙ୍କର କର୍ତ୍ତବ୍ୟ ନିଷ୍ଠାର ସହ ପାଳନ କରିବା ସହ ଆମପାଇଁ ଆଦର୍ଶର ଉଦାହରଣ ପାଲଟି ଯାଇଛନ୍ତି । ଆଦର୍ଶ ସେହିମାନେ, ଯେଉଁମାନେ ନିଜେ ଶିଖିଛନ୍ତି ଓ ଶିଖାଇଛନ୍ତି । ଯାତନା ସହିଛନ୍ତି ଓ ସହିବାକୁ ମନୋବଳ ଯୋଗାଇଛନ୍ତି । ଅନ୍ୟାୟ, ଅନୀତି, ଶୋଷଣ ଓ କଷଣକୁ ବିରୋଧ କରିଛନ୍ତି ଓ ବିରୋଧ କରିବାକୁ ପରାମର୍ଶ ଦେଇଛନ୍ତି । ସତ କହିବାକୁ ଯାଇ ବିଷପାନ କରିଛନ୍ତି, ଆଉ କ୍ରୁଶବିଦ୍ଧ ବି ହୋଇଛନ୍ତି । ନିଜ ଜୀବନର ତରୀକୁ ନୀତି ନୈତିକତା ଆଧାରରେ ଶେଷଯାଏଁ ଚଳାଇ ପାରିଛନ୍ତି ଓ ମାନବ ସମାଜର ହିତରେ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇଛନ୍ତି । ଶେଷନିଃଶ୍ୱାସ ତ୍ୟାଗ କରିବାଯାଏ ଆଦର୍ଶ ପଥରୁ କେବେ ହଟି ଯାଇନାହାଁନ୍ତି ।

ଆଜିର କଳୁଷିତ ଓ ବିପର୍ଯ୍ୟୟମୁଖୀ ସମାଜରେ ନୀତି ନୈତିକତା ବିବର୍ଜିତ ମଣିଷ ଜୀବନରେ ଯେଉଁ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେଇଛି ତାହା ସତରେ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଓ ଦୁର୍ଭାଗ୍ୟଜନକ । ମଣିଷର ଉଚ୍ଚାରଣ ଓ ଆଚରଣରେ ଆଜି ସୃଷ୍ଟିହୋଇଛି ଏକ ଲମ୍ବା ବ୍ୟବଧାନ । ସେ କଥାରେ ଯାହା କରୁଛି, ତା'ର ତିଳେମାତ୍ର ପ୍ରଭାବ ତା'ର କାମରେ ପ୍ରତିଫଳିତ ହେଉନି । ତା'ର ନୀତି ଓ ଆଦର୍ଶ ବୋଲି କିଛି ନାହିଁ । ସେ ନିଜେ ହିଁ ନିଜର ଆଦର୍ଶ ବୋଲି ନିଜକୁ ବିବେଚନା କରୁଛି । ଆଜିର ସମୟରେ ଯାହା ଚରମ ବିଡ଼ମ୍ବନାର ବିଷୟ । ପରିବାରର ପିତାମାତା, ଗୁରୁଜନ ଓ ଅଭିଭାବକ ପିଲାମାନଙ୍କର ଆଦର୍ଶ । ପିତାମାତାଙ୍କ ସଂଯମତା, ଶୃଙ୍ଖଳା ଓ ଚରିତ୍ରବତ୍ତା ପିଲାଙ୍କୁ ପ୍ରଭାବିତ କରିବା ସହ ସେମାନଙ୍କୁ ସେମାନଙ୍କ ଜୀବନପଥରେ ଆଗେଇ ଯିବାରେ ପଥପ୍ରଦର୍ଶନ କରିଥାଏ ।



# ସମାଚାରପତ୍ରର ଶକ୍ତି

## ମହାତ୍ମା ଗାନ୍ଧୀ

ସମାଚାରପତ୍ରକୁ ଚତୁର୍ଥ ସାମ୍ରାଜ୍ୟ ବୋଲି କୁହାଯାଇଛି । ଏହା ଯେ ଏକ ଶକ୍ତି, ସେଥିରେ କୌଣସି ସନ୍ଦେହ ନାହିଁ । ସେହି ଶକ୍ତିର ଅସଦ୍‌ବ୍ୟବହାର କରାଯିବାକୁ ଏକ ଅପରାଧ ବୋଲି କୁହାଯିବ । ମୁଁ ନିଜେ ଜଣେ ସାମ୍ବାଦିକ ଏବଂ ମୋ'ର ସାଥୀ ଅନ୍ୟ ସାମ୍ବାଦିକମାନଙ୍କୁ ମୁଁ ନିବେଦନ କରି କହିବି ଯେ, ସେମାନେ ନିଜ ନିଜର ଦାୟିତ୍ୱକୁ ଉପଲବ୍ଧି କରିବେ ଏବଂ କେବଳ ସତ୍ୟକୁ ହିଁ ପରିପୁଷ୍ଟ କରିବା ଉଦ୍ଦେଶ୍ୟରେ ସେମାନେ ନିଜର କାର୍ଯ୍ୟଟିକୁ ସମ୍ପାଦନ କରିବେ ।

ସମ୍ବାଦପତ୍ରମାନଙ୍କର ଏକ ଶକ୍ତିଶାଳୀ ପ୍ରଭାବ ରହିଛି । ସମ୍ପାଦକମାନଙ୍କର ଏହି କଥାଟିକୁ ଦେଖିବା ଏକାନ୍ତ କର୍ତ୍ତବ୍ୟ ଯେ, କୌଣସି ମିଥ୍ୟା ବିବରଣୀ ଅଥବା ଜନସାଧାରଣଙ୍କୁ ଉତ୍ତେଜିତ କରି ପକାଇବାର ଆଶଙ୍କା ରହିଥିବା କୌଣସି ବିବରଣୀ ସେମାନଙ୍କର ସମ୍ବାଦପତ୍ରରେ କଦାପି ପ୍ରକାଶ ପାଇବ ନାହିଁ ।

ସମ୍ପାଦକ ଓ ସେମାନଙ୍କର ସହକାରୀମାନେ ସେମାନେ ଯେଉଁସବୁ ସମ୍ବାଦକୁ ସମ୍ବାଦପତ୍ରରେ ଛାପିବେ ଅଥବା ସେଗୁଡ଼ିକୁ ଯେଉଁଭଳି ପରିଚ୍ଛଦରେ ପ୍ରକାଶ କରିବେ, ସେହି ବିଷୟରେ ବିଶେଷ ଭାବରେ ସାବଧାନ ରହିଥିବେ । କୌଣସି ସ୍ୱାଧୀନ ଦେଶରେ ପ୍ରେସ୍‌କୁ ସୁନିୟନ୍ତ୍ରଣରେ ରଖିବା ସରକାରମାନଙ୍କ ପକ୍ଷରେ ବସ୍ତୁତଃ କଦାପି ସମ୍ଭବ ହେବନାହିଁ । ତେଣୁ, ସମ୍ବାଦପତ୍ରଗୁଡ଼ିକ ଉପରେ କଡ଼ା ଦୃଷ୍ଟି ରଖିବା ଓ ସେଗୁଡ଼ିକୁ ଉଚିତ ମାର୍ଗରେ ରଖିବା ଜନସାଧାରଣଙ୍କର କର୍ତ୍ତବ୍ୟ ହୋଇ ରହିବ । ଆଲୋକନପ୍ରାପ୍ତ ଏକ ଜନସାଧାରଣ ଉତ୍ତେଜନା ଓ ଅଶୋଭନୀୟତା ସୃଷ୍ଟି କରୁଥିବା ସମ୍ବାଦପତ୍ର ଗୁଡ଼ିକର ପୃଷ୍ଠପୋଷକତା କରିବାକୁ ଆଦୌ ସମ୍ମତ ହେବେ ନାହିଁ । ଲୋକମାନଙ୍କ ପାଇଁ ଛପା ହୋଇ ବାହାରିଥିବା ସବୁକିଛି ତ ଧର୍ମଗ୍ରନ୍ଥର ସତ୍ୟ ପରି ହୋଇ ରହିଲାଣି । ଏହି କଥାଟି ସମ୍ପାଦକ ଏବଂ ସମ୍ବାଦ ଲେଖକମାନଙ୍କ ଉପରେ ଏକ ଗୁରୁ ଦାୟିତ୍ୱକୁ ନ୍ୟସ୍ତ କରିଦେଇଛି ।

ମୁଁ ନିଜେ କେବେହେଲେ ଖବରକାଗଜର ବିବରଣୀ ଉପରେ ଭରସା ରଖି ନଥାଏ ଏବଂ ଖବରକାଗଜର ପାଠକମାନେ ଯେପରି ସେଥିରେ ଲେଖା ହୋଇଥିବା ଗପଗୁଡ଼ିକ ଦ୍ୱାରା ସହଜରେ ପ୍ରଭାବିତ ହୋଇ ନପଡ଼ନ୍ତି, ମୁଁ ସେମାନଙ୍କୁ ସେହି ବିଷୟରେ ସାବଧାନ କରିଦେଉଛି । ଯେଉଁଗୁଡ଼ିକୁ ଆମେ ସର୍ବୋତ୍ତମ ସମ୍ବାଦପତ୍ର ବୋଲି କହିଥାଉ, ସେଗୁଡ଼ିକ ମଧ ଅତିରଞ୍ଜନ ଏବଂ ଅଳଙ୍କରଣରୁ ଆଦୌ ମୁକ୍ତ ହୋଇ ରହି ନଥାନ୍ତି ।

ବିଚାରପତିମାନଙ୍କ ଦ୍ୱାରା ବିଚାର ହେବା ଅପେକ୍ଷା ଜୁରିମାନଙ୍କ ଦ୍ୱାରା ବିଚାର ହେବାର କ'ଣ ଅଧିକ ଉପକାରମାନ ରହିଛି, ମୋ'ର ସେ ବିଷୟରେ କୌଣସି ପ୍ରତ୍ୟୟ ହୁଏନାହିଁ । ଇଂଲଣ୍ଡରେ ମଧ ଅସଲ ମୁହୂର୍ତ୍ତରେ ଜୁରିମାନେ ବିଫଳ ହୋଇଥିବାର ଦେଖାଯାଇଛି । ଯେତେବେଳେ ଭାବାବେଗଗୁଡ଼ିକୁ ଉତ୍ତେଜିତ କରି ଅଣାଯାଏ, ସେତେବେଳେ ଜୁରିମାନେ ସେଗୁଡ଼ିକ ଦ୍ୱାରା ପ୍ରଭାବିତ ହୁଅନ୍ତି ଏବଂ ବିକୃତ ରାୟମାନ ଦେଇଥାନ୍ତି । ଆମେ ଏ କଥାଟିକୁ ମଧ କଦାପି ଧରିନେବା ନାହିଁ ଯେ, ଜୁରିମାନେ ସବୁବେଳେ କୋମଳ ହେବା ପକ୍ଷରେ ରହିଥାନ୍ତି । ମୁଁ ଏପରି ଜୁରିମାନଙ୍କୁ ଜାଣିଛି, ଯେଉଁମାନେ କି ପ୍ରମାଣର ସମ୍ମୁଖରେ ବନ୍ଦୀମାନଙ୍କୁ ଅପରାଧୀ ବୋଲି ଘୋଷଣା କରିଛନ୍ତି ଏବଂ ବିଚାରପତିମାନେ ତାହାର ଠିକ୍ ବିପରୀତ ରାୟ ଦେଇଛନ୍ତି ।

ଯାହାକିଛି ବିଲାତରେ ରହିଛି, ଆମେ ଗୋଲାମଙ୍କ ପରି ସେହି ସବୁଗୁଡ଼ିକୁ କଦାପି ଅନୁକରଣ କରିବା ନାହିଁ । ଯେଉଁସବୁ ବ୍ୟାପାରରେ ସମ୍ପୂର୍ଣ୍ଣ ନିଷ୍ପକ୍ଷତା, ସ୍ଥିରତା ଓ ପ୍ରମାଣଗୁଡ଼ିକୁ ବିଶ୍ଳେଷଣ କରି ଦେଖିବା ଏବଂ ମନୁଷ୍ୟର ପ୍ରକୃତିକୁ ବୁଝିବାର ପ୍ରୟୋଜନ ରହିଥାଏ, ସେହିସବୁ କ୍ଷେତ୍ରରେ ପ୍ରଶିକ୍ଷିତ ବିଚାରପତିମାନଙ୍କ ସ୍ଥାନରେ ଆକସ୍ମିକଭାବରେ ଗୋଟାଇ ଅଣା ଯାଇଥିବା ଅପ୍ରଶିକ୍ଷିତ ବ୍ୟକ୍ତିମାନଙ୍କୁ ନିଯୁକ୍ତ କରିବାର ଆଦୌ କୌଣସି ଆବଶ୍ୟକତା ରହିବା ଉଚିତ ନୁହେଁ । ନିମ୍ନରୁ ହିଁ ଏପରି ଏକ ବିଚାର ବିଭାଗ ରହିଥିବ, ଯାହାକୁ କି ଦୁର୍ନୀତି ଭିତରକୁ ଆଣିହେବ ନାହିଁ, ଯାହା ପକ୍ଷପାତଶୂନ୍ୟ ଓ ସମର୍ଥ ହୋଇଥିବ - ଏହା ହିଁ ଆମର ଲକ୍ଷ୍ୟ ହୋଇ ରହିବା ଉଚିତ ।


ଯଦି ଆମେ ଓକିଲ ଏବଂ କଚେରୀଗୁଡ଼ିକର ଆକର୍ଷଣ ଭିତରେ ରହି ନଥାନ୍ତୁ, ଏବଂ ଆମକୁ କଚେରୀମାନଙ୍କର କର୍ଦ୍ଦମ ଭିତରକୁ ପ୍ରଲୁବ୍ଧ କରି ନେବାପାଇଁ ଓ ଆମର ନିମ୍ନତମ ଆବେଗଗୁଡ଼ିକୁ ଉସ୍କାଇ ଆଣିବା ପାଇଁ ଟାଉଟରମାନେ ରହି ନଥାନ୍ତେ, ତେବେ ବର୍ତ୍ତମାନ ଅପେକ୍ଷା ଆମେ ଅଧିକ ନିଶ୍ଚିନ୍ତ ହୋଇ କାଳ କାଟି ପାରୁଥାନ୍ତେ । ଯେଉଁମାନେ ବାରମ୍ବାର କଚେରୀକୁ ଯାଆନ୍ତି, ସେମାନଙ୍କ ମଧରେ ଯେଉଁମାନେ ସର୍ବୋତ୍ତମ, ସେମାନେ ଏହି କଥାଟିର ସାକ୍ଷୀ ହୋଇ ରହିଛନ୍ତି ଯେ, ସେମାନଙ୍କର ଚତୁର୍ଦ୍ଦିଗରେ ଥିବା ବାତାବରଣଟି ଦୁର୍ଗନ୍ଧମୟ ହୋଇ ରହିଥାଏ । ଦୁଇ ପକ୍ଷରୁ ଜାଲ୍ ସାକ୍ଷୀମାନେ ତିଆରି ହୋଇ ଆସିଥାନ୍ତି ଏବଂ ଅର୍ଥ ପାଇଁ ଓ ବନ୍ଧୁତାର ଖାତିରିରେ ଆପଣାର ଆତ୍ମାକୁ ବିକି ଦେବାଲାଗି ପ୍ରସ୍ତୁତ ରହିଥାନ୍ତି । ମୁଁ ଜଣେ ଯଥାର୍ଥ ଓକିଲ ହେବାକୁ ଶିକ୍ଷା କରିଥିଲି । ମନୁଷ୍ୟ-ପ୍ରକୃତିର ଅପେକ୍ଷାକୃତ ଭଲ ଦିଗଟିକୁ ମୁଁ ଦେଖିବା ପାଇଁ ଚେଷ୍ଟା କରିଥିଲି, ମନୁଷ୍ୟମାନଙ୍କର ହୃଦୟ ଭିତରେ ପ୍ରବେଶ କରିବାକୁ ଚେଷ୍ଟା ମଧ କରିଥିଲି । ପରସ୍ପର ସହିତ ବିବଦମାନ ଦୁଇ ପକ୍ଷକୁ ଏକାଠି କରାଇଦେବା ହିଁ ଜଣେ ଓକିଲର ପ୍ରକୃତ କାର୍ଯ୍ୟ ବୋଲି ମୁଁ ହୃଦୟଙ୍ଗମ କରିଥିଲି । ସେହି ଶିକ୍ଷାଟି ଏପରି ସ୍ଥାୟୀଭାବରେ ମୋ' ଭିତରକୁ ଭେଦି ଯାଇଥିଲା ଯେ, କୋଡ଼ିଏ ବର୍ଷ ଓକିଲାତି କରିବାର ଏକ ବୃହତ୍ ଅଂଶ ଶହ ଶହ ମୋକଦ୍ଦମାରେ ମୋର ଅଧିକାଂଶ ସମୟ ଆପୋଷ ସାଲିଶ୍ କରାଇ ଦେବାରେ ହିଁ ବ୍ୟୟିତ ହୋଇଥିଲା । ସେଥିରେ ମୋ'ର କୌଣସି କ୍ଷତି ହୋଇ ନଥିଲା ଆର୍ଥିକ ଦୃଷ୍ଟିରୁ ମଧ କ୍ଷତି ହୋଇ ନଥିଲା, ମୋ' ଆତ୍ମାର କୌଣସି କ୍ଷତି ହେବାର ପ୍ରଶ୍ନ ହିଁ ଉଠୁ ନାହିଁ ।

ମୋ'ର କ୍ରମେ ଏହି ବିଶ୍ୱାସଟି ଦୃଢ଼ ହୋଇ ଯାଇଥିଲା ଯେ, ସତ୍ୟ ସହିତ କୌଣସି ପ୍ରକାର ସାଲିଶ୍ ନକରି ଓକିଲାତି କରିବା ଆଦୌ ସମ୍ଭବ ନୁହେଁ । ଅବଶ୍ୟ, ପାଠକଙ୍କୁ ସ୍ମରଣ ରଖିବାକୁ ହେବ ଯେ, ଯେଉଁ ମୌଳିକ ଦୋଷଟି ଓକିଲାତି ବ୍ୟବସାୟକୁ ଦୂଷିତ କରି ରଖିଛି, ବ୍ୟବସାୟରେ ଜଣେ ଯେତେ ସତ୍ୟନିଷ୍ଠତା ଦେଖାଇଲେ ମଧ ସେହି ଦୋଷକୁ ତାହା କଦାପି ଦୂର କରି ପାରିବନାହିଁ । ନ୍ୟାୟାଳୟରେ ଓକିଲାତି କରିବାର ମୋ'ର ସମଗ୍ର ଅବଧି ମଧରେ ମୁଁ କେବେ ହେଲେ ଥରେ ମଧ କଠୋରତମ ସତ୍ୟ ଏବଂ ସାଧୁତାର ପଥରୁ ବାହାରି ଯାଇ ନ ଥିଲି ।

ଯଦି ତୁମେ ଓକିଲାତିକୁ ଏକ ଆଧାତ୍ମିକ କାର୍ଯ୍ୟରେ ପରିଣତ କରିବାକୁ ଇଚ୍ଛା କରୁଥିବ, ତେବେ ତୁମକୁ ସେଥିଲାଗି ସର୍ବପ୍ରଥମେ ସ୍ମରଣ ରଖିବାକୁ ପଡ଼ିବ ଯେ, ନିଜର ବ୍ୟବସାୟଟିକୁ ତୁମେ କଦାପି ନିଜ ଅର୍ଥୋପାର୍ଜନ-ସ୍ୱାର୍ଥର ଅଧୀନ କରି ରଖୁନାହିଁ । ଦୁର୍ଭାଗ୍ୟର କଥା ଯେ, ଅଧିକାଂଶ ସମୟରେ ସେହି କଥାଟି ହିଁ ସର୍ବତ୍ର ଦେଖିବାକୁ ମିଳୁଛି । ତୁମେ ନିଜ ଦେଶର ସେବା କରିବା ନିମନ୍ତେ ନିଜ ଜୀବିକାଟିକୁ କାମରେ ଲଗାଇବ । ଯେକୌଣସି ଦେଶରେ ଏଭଳି ପ୍ରଖ୍ୟାତ ଓକିଲମାନଙ୍କର ଏକାଧିକ ଦୃଷ୍ଟାନ୍ତ ରହିଛି, ଯେଉଁମାନେକି ଏକ ଆତ୍ମତ୍ୟାଗର ଜୀବନ ଯାପନ କରିଥିଲେ ଏବଂ ସେଥିପାଇଁ ସେମାନଙ୍କୁ ସର୍ବଦା ପ୍ରାୟ ଦରିଦ୍ର ହୋଇ ରହିବାକୁ ହୋଇଥିଲା ।

# ସ୍ୱାସ୍ଥ୍ୟ ଲାଗି ଆବଶ୍ୟକ ବିନ୍ସ

ଶୀତଦିନେ ପ୍ରଚୁର ମିଳୁଥିବା ବିନ୍‌ସରେ ପ୍ରୋଟିନ୍ ଏବଂ ଫାଇବର ପର୍ଯ୍ୟାପ୍ତ ପରିମାଣରେ ରହିଛି । ଏହା ସହିତ ଫ୍ୟାଟ୍ ମଧ କମ୍ । ସାଗୁରେ ଟେଡ ଫ୍ୟାଟ୍ କମ୍ ଥିବା ସହ ମଣିଷ ସ୍ୱାସ୍ଥ୍ୟ ଲାଗି ଆବଶ୍ୟକ ବିଭିନ୍ନ ପୋଷକ ତତ୍ତ୍ୱ ଏଥିରୁ ମିଳିଥାଏ । ବିଶେଷ ଭାବେ ଭିଟାମିନ୍ ଏବଂ ଖଣିଜ ଲବଣ ବିନ୍‌ସରେ ରହିଛି । ହୃଦରୋଗ ଠାରୁ ଆରମ୍ଭ କରି ଓଜନ ନିୟନ୍ତ୍ରଣ ଯାଏ ପ୍ରତ୍ୟେକ କ୍ଷେତ୍ରରେ ବିନ୍‌ସର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରଚୁର ମାତ୍ରାରେ ପୋଷକ ତତ୍ତ୍ୱ ଥିବାରୁ ଏହା ହୃଦୟର ସ୍ୱାସ୍ଥ୍ୟ ଲାଗି ଖୁବ୍ ଜରୁରୀ । ନିୟମିତ ଖାଇଲେ ରକ୍ତନଳୀ ଭିତରେ ରକ୍ତ ଜମାଟ ବାନ୍ଧିବାକୁ ଦିଏନାହିଁ । ଏଥିରେ ଥିବା ତନ୍ତୁ ରକ୍ତ ଶର୍କରା ଏବଂ କୋଲେଷ୍ଟରଲ ସ୍ତରକୁ ନିୟନ୍ତ୍ରଣରେ ରଖେ । ବିନ୍‌ସରେ କ୍ୟାଲସିୟମ୍ ପ୍ରଚୁର ପରିମାଣରେ ରହିଛି । ଏହା ଅସ୍ଥିକ୍ଷୟ ରୋକିଥାଏ ।



ଏଥି ସହିତ ଭିଟାମିନ୍ ଏ, କେ ଏବଂ ସିଲିକନ୍ ରହିଥିବାରୁ ଅସ୍ଥିଗୁଡିକର ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଏସବୁ ପୋଷକ ତତ୍ତ୍ୱ କମ୍ ହେଲେ ଅସ୍ଥି ଦୁର୍ବଳ ହୋଇଯାଏ ।

ସବୁଜ ବିନସରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ ରହିଥିବାରୁ ଏହା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଏ । କୋଷଗୁଡିକର କ୍ଷତିକୁ ଠିକ୍ କରିବା ସହିତ ନୂଆ କୋଷ ସୃଷ୍ଟି ପ୍ରକ୍ରିୟା ତ୍ୱରାନ୍ୱିତ କରେ ।

କ୍ୟାରୋଟିନ୍ ଏଡସ ସବୁଜ ବିନ୍ସରେ ରହିଥିବାରୁ ଏହା ଆଖିର ଆଭ୍ୟନ୍ତରୀଣ ଭାଗରେ ଟେନ୍‌ସନ କମାଏ । ଏଥିରେ ଥିବା ବିଭିନ୍ନ ମିନେରାଲ୍ସ ଦୃଷ୍ଟିଶକ୍ତି ବଢ଼ାଇବାରେ ସହାୟକ । ପ୍ରତିଦିନ ସବୁଜ ବିନ୍ସ ଖାଇବା ଏକ ବିଶେଷ ପ୍ରକାରେ କୋଲନ୍ କ୍ୟାନସରର ଆଶଙ୍କା ହ୍ରାସ କରେ । ନିୟମିତ ବିନ୍‌ସ ଖାଇବା ଦ୍ୱାରା ପେଟ ଠିକ୍ ରହେ । ଫଳରେ ହଜମକ୍ରିୟା ସମ୍ପର୍କିତ ସମସ୍ୟା, ଗ୍ୟାସ୍, କୋଷ୍ଠକାଠିନ୍ୟ ଆଦି ଯାବତୀୟ ପ୍ରକାର ପେଟ ସମସ୍ୟାରୁ ମୁକ୍ତି ମିଳିପାରେ ।

## ସ୍ୱର୍ବେଦ

**ମୁକ୍ତି ଉପାସନ ପୁରୁଷ କେ,**
**ପରମେଶ୍ୱର ପର ଦେଓ୍ୱ ।**
**ମୁକ୍ତି ନ ଜୀଓ୍ୱ ଅରାଧନା, ବନ**
**କୃତଘ୍ନି ଜୀଓ୍ୱ ସେଓ୍ୱ ॥୦୧॥**

ଭାଷ୍ୟ - ସମସ୍ତ ଦେବଙ୍କର ଦେବ ପରମଦେବ, ପରମ ପୁରୁଷଙ୍କର ଉପାସନାରୁ ମୋକ୍ଷପ୍ରାପ୍ତି ହୋଇଥାଏ । ଜୀବମାନଙ୍କର ଆରାଧନାରୁ ମୁକ୍ତି କିମ୍ବା ମୋକ୍ଷ ମିଳେ ନାହିଁ । ମହାପ୍ରଭୁଙ୍କର ଉପାସନା ଛାଡ଼ି ଜୀବମାନଙ୍କର ଉପାସନା କରିବା କୃତଘ୍ନତା ଅଟେ ।

**ଯୋଗ ଓ୍ୱିହଙ୍ଗ ସମାଧି ମେଁ, ଜ୍ଞାନ**
**ଗମ୍ୟ ପ୍ରଭୁ ହୋୟ ।**
**ଅନ୍ୟ ଉପାୟ ନ କ୍ଷେତ୍ର ମେଁ,**
**ମନ କଳ୍ପିତ ଭ୍ରମ ସୋୟ ॥୦୨॥**


ଭାଷ୍ୟ - ମହାପ୍ରଭୁଙ୍କୁ ବିହଙ୍ଗମ ଯୋଗ ସମାଧିର ଅନୁଭବ ଜ୍ଞାନ ଦ୍ୱାରା ହିଁ ଲାଭ କରିହୁଏ । ଏହାର ପ୍ରାପ୍ତି ନିମନ୍ତେ ପ୍ରକୃତି ମଣ୍ଡଳରେ ଆଉ କୌଣସି ଉପାୟ ନାହିଁ । ଯେଉଁସବୁ ସାଧନ ରହିଛି ବୋଲି ଆମେ ବିବେଚନା କରୁ ସେ ସମସ୍ତ ମନକଳ୍ପିତ ଏବଂ ଭ୍ରମଯୁକ୍ତ ଅଟେ ।

**ଉପଲବ୍ଧ ଆନନ୍ଦ ହୈ, ସହଜ**
**ସମାଧୀ ପାୟ ।**
**ଅନୁଭଓ୍ୱ ଚେତନ କରଣ ସେ,**
**ସୋ ସୁଖ ଓ୍ୱରଣି ନ ଜାୟ ॥୦୩॥**

ଭାଷ୍ୟ - ସହଜ ସମାଧି ଦ୍ୱାରା ଚେତନ କରଣରେ ଯେଉଁ ଆନନ୍ଦ ପ୍ରାପ୍ତ ହୁଏ, ସେହି ଅନୁଭବର ସୁଖ ବର୍ଣ୍ଣନା କରାଯାଇ ପାରିବ ନାହିଁ । ଏହା ଅନୁପମେୟ ପରମ ସୁଖ ଅଟେ ।

**ପରବ୍ରହ୍ମ ଉପଲବ୍ଧି ହୈ, ଜୀତେ**
**ଜୀଓ୍ୱ ସମାଧି ।**
**ମରନ ବାଦ ଫିର ଜନମ ହୈ,**
**ୟହ ଜଗ ରୋଗ ଅସାଧି ॥୦୪॥**

ଭାଷ୍ୟ - ସହଜ ଯୋଗ ସମାଧି ଦ୍ୱାରା ଏହି ଶରୀରରେ ଜୀବନ୍ମୁକ୍ତି ଅର୍ଥାତ୍ ପରଂବ୍ରହ୍ମଙ୍କର ପ୍ରାପ୍ତି




ହୋଇଥାଏ । ମୃତ୍ୟୁ ପରେ ଜନ୍ମ ହୋଇଥାଏ । ଏହି ଜନ୍ମ-ମରଣ ରୂପୀ ଅସାଧ୍ୟ ରୋଗରୁ ନିବୃତ୍ତି ପ୍ରଭୁଙ୍କ ଦ୍ୱାରା ଜୀବନ୍ମୁକ୍ତି ହେବା ପରେ ହୋଇଥାଏ । ମୁକ୍ତି ଜୀବିତାବସ୍ଥାରେ ହୋଇଥାଏ, ମୃତ୍ୟୁ ପରେ ନୁହେଁ ।

**ଯୋଗୀ ସହଜ ସମାଧି ମେଁ,**
**ଜିଓ୍ୱନ୍ମୁକ୍ତି ପଦ ପାୟ ।**
**ମରଣ ମୁକ୍ତି ଆଶା ନହୀଁ, ମରଣ**
**କରମ ଦୁଖ ଧାୟ ॥୦୫॥**

ଭାଷ୍ୟ - ଯୋଗୀ ସହଜ ସମାଧି ଦ୍ୱାରା ଜୀବନ୍ମୁକ୍ତି ଅବସ୍ଥାକୁ ପ୍ରାପ୍ତ କରିଥାଏ । ମୃତ୍ୟୁ ପରେ ମୁକ୍ତିର ଆଶା ବ୍ୟର୍ଥ ଅଟେ । ମୃତ୍ୟୁ ପରେ କର୍ମ ଅନୁସାରେ ଜନ୍ମ ହୋଇଥାଏ, ମୁକ୍ତି ନୁହେଁ ।

**ସନ୍ତ ମୁକ୍ତି ମନ ଭାଓ୍ୱନୀ,**
**ଅବ୍ୟାହତ ଗତି ପାୟ ।**
**ସୋ ଦୁର୍ଲଭ ହଁସନ ମିଲୈ, ଶବ୍ଦ**
**ମେଁ ସୁରତି ସମାୟ ॥୦୬॥**

ଭାଷ୍ୟ - ସନ୍ଥର ମୁକ୍ତି ସ୍ୱତନ୍ତ୍ର ହୋଇଥାଏ, ଯେଉଁଥିରେ ଆତ୍ମା ସ୍ୱଚ୍ଛନ୍ଦ, ଅବ୍ୟାହତ ଗତିରେ ପରମାନନ୍ଦ, ମୋକ୍ଷ ସୁଖକୁ ପ୍ରାପ୍ତ କରିଥାଏ । ଏହି ଦୁର୍ଲଭ ସ୍ୱତନ୍ତ୍ର ମୁକ୍ତି ହଂସମାନଙ୍କୁ ପ୍ରାପ୍ତ ହୋଇଥାଏ, ଯେଉଁମାନେ ସୁରତି ଶବ୍ଦରେ ପ୍ରବେଶ କରିସାରିଛନ୍ତି ।

**ଆଗେ ଦ୍ୱାରା ବନ୍ଦ ହୈ, ଭକ୍ତି**
**ଭେଦ ବହୁ ଭେଦ ।**
**ବିନ ସଦ୍‌ଗୁରୁ କୀ ଭକ୍ତି କେ, ପ୍ରଭୁ**
**କୀ ଭକ୍ତି ନ ଓ୍ୱେଦ ॥୦୭॥**

ଭାଷ୍ୟ - ପ୍ରକୃତିର ମଣ୍ଡଳଟିଏ ରହିଛି । ସେହି ସୀମା ପର୍ଯ୍ୟନ୍ତ ମନ ପହଞ୍ଚିପାରେ । ଗୁରୁଗମ୍ୟ ସାଧନ ଦ୍ୱାରା ଆଗକୁ ପଥ ଖୋଲିଯାଏ ଆଉ ବିଶେଷ ଗୁରୁକୃପା ହେବା ଦ୍ୱାରା ବିଶେଷ ପ୍ରକାଶ ଦ୍ୱାରର ପ୍ରାପ୍ତି ହୋଇଥାଏ । ସେଥିପାଇଁ ସଦ୍‌ଗୁରୁଙ୍କ ଭକ୍ତିରୁ ହିଁ ପ୍ରଭୁଙ୍କର ଭକ୍ତି ହୋଇଥାଏ । ସଦ୍‌ଗୁରୁ ବିନା ଆଗରେ ଥିବା ବନ୍ଦ ମାର୍ଗ ଉନ୍ମୁକ୍ତ ହୁଏନାହିଁ । ସଦ୍‌ଗୁରୁ ହିଁ ଏହି ଅନୁଭବଗମ୍ୟ ମାର୍ଗ ଦେଖାଇଥାନ୍ତି । ତାଙ୍କରି ପ୍ରକାଶରେ ଆତ୍ମା ସେହି ଚେତନ ପ୍ରକାଶକୁ ପ୍ରାପ୍ତ କରି କୃତକୃତ୍ୟ ହୋଇଯାଏ ।

**ଆରତ ଦୀନ ଅଧୀନତା, ସତ୍ୟ**
**ଅହିଂସା ଭାଓ୍ୱ ।**
**ଉପୟୋଗୀ ୟହ ଭକ୍ତି କେ,**
**ସଦ୍‌ଗୁରୁ ଚରଣ ସମାଓ୍ୱ ॥୦୮॥**

ଭାଷ୍ୟ - ଆର୍ତ୍ତ, ଦୀନ, ଅଧୀନ, ସତ୍ୟ, ଅହିଂସା ଏବଂ ସଦ୍‌ଗୁରୁଙ୍କର ଚରଣରେ ଶୁଦ୍ଧ ପ୍ରେମ - ଏସବୁ ଭକ୍ତିର ଉପଯୋଗୀ ଗୁଣ ଅଟେ, ଯାହା ଦ୍ୱାରା ଜୀବନ ଆଧ୍ୟାତ୍ମ ପଥରେ ଅଗ୍ରସର ହୋଇ ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ପ୍ରଯତ୍ନ କରିଥାଏ ।

**ସୋ ଅନନ୍ୟ ପ୍ରଭୁ ଭକ୍ତି ହୈ,**
**ପତନ ଜୀଓ୍ୱ ଅଓ୍ୱରାଧି ।**
**ଜଡ଼ ମାୟା ମେଁ ପ୍ରେମ ସେ, ଅଧ**
**ତମ ପରତ ଅଗାଧି ॥୦୯॥**

ଭାଷ୍ୟ - ସଦ୍‌ଗୁରୁଙ୍କୁ ଭକ୍ତି କରିବା ହିଁ ପ୍ରଭୁଙ୍କର ଅନନ୍ୟ ଭକ୍ତି ଅଟେ । ଜୀବମାନଙ୍କୁ ଭକ୍ତି କଲେ ଆତ୍ମାର ପତନ ହୋଇଥାଏ । ଜଡ଼ ମାୟାର ଭକ୍ତି କରିବା ଦ୍ୱାରା ଘୋର ଅନ୍ଧକାରରେ ପତିତ ହୋଇ ଜୀବର ପତନ ହୋଇଯାଏ । ସଦ୍‌ଗୁରୁ ବ୍ରହ୍ମ ସ୍ୱରୂପ ଅଟନ୍ତି । ସେଥିପାଇଁ ସଦ୍‌ଗୁରୁଙ୍କର ଭକ୍ତି ପରଂବ୍ରହ୍ମଙ୍କର ଭକ୍ତି ଅଟେ ଆଉ ତାଙ୍କ ଦ୍ୱାରା ପରଂବ୍ରହ୍ମ, ପରମ ପୁରୁଷଙ୍କର ପ୍ରାପ୍ତି ଏବଂ ଜୀବନ୍ମୁକ୍ତି ହୋଇଥାଏ ।

**ଇନ୍ଦ୍ରିନ ମନ ଅରୁ ବୁଦ୍ଧି ସେ, ଜୀଓ୍ୱ**
**କର୍ମ କର ଜୋୟ ।**
**ସୋ ବନ୍ଧନ ଜଗ ପାଶ ହୈ,**
**ସାଧନ ମୁକ୍ତି ନ ସୋୟ ॥୧୦॥**

ଭାଷ୍ୟ - ଯେଉଁ ଇନ୍ଦ୍ରିୟ, ମନ ଆଉ ବୁଦ୍ଧି ହେତୁ ଆତ୍ମା କର୍ମ କରିଥାଏ, ସେସବୁ କର୍ମ ସଂସାରର ବନ୍ଧନର କାରଣ ଅଟନ୍ତି ଅର୍ଥାତ୍ ବନ୍ଧନ ଅଟନ୍ତି । ଏହି କର୍ମମାନଙ୍କର ସମ୍ପାଦନାରୁ ମୁକ୍ତି ମିଳେ ନାହିଁ । କର୍ମରୁ ବନ୍ଧନ ଆଉ ପ୍ରଭୁଙ୍କର ଚେତନ ଭକ୍ତିରୁ ମୁକ୍ତି ମିଳିଥାଏ । ପ୍ରାକୃତିକ କରଣଗୁଡ଼ିକରୁ ଉତ୍ପନ୍ନ ସମସ୍ତ ସାଧନ ଭୌତିକ ଅଟନ୍ତି । ସେହି ସାଧନଗୁଡ଼ିକ ଦ୍ୱାରା ଆତ୍ମାକୁ ପ୍ରକୃତ ସୁଖ, ଜ୍ଞାନ ଅଥବା ଆନନ୍ଦ ପ୍ରାପ୍ତି ହୁଏ ନାହିଁ ।

**ସାରା ଦେହ ଅସଙ୍ଗ ମେଁ,**
**ଚେତନ ଶୁଦ୍ଧ ପ୍ରକାଶ ।**
**ପ୍ରେମ ମୟୁଖା ଗଗନ କୋ,**
**ଉପଲବ୍ଧି ପ୍ରଭୁ ଭାସ ॥୧୧॥**

ଭାଷ୍ୟ - ଯେତେବେଳେ ସମଗ୍ର ଶରୀର ନିର୍ଲିପ୍ତ ହୋଇ ନିଜ ଶୁଦ୍ଧ ଚେତନ ପ୍ରକାଶ ଦ୍ୱାରା ସୁରତି ଗଗନକୁ ଗମନ କରେ ସେତେବେଳେ ମହାପ୍ରଭୁଙ୍କୁ ଉପଲବ୍ଧି କରିଥାଏ ।

**ଆରତ ଦୀନ ଅଧୀନ ହୋ,**
**ଶରଣାଗତ ଗୁରୁ ଆୟ ।**
**ସନ ମାରଗ ଗୁରୁ ସେ ମିଲୈ,**
**ନହିଁ କୋଇ ଅନ୍ୟ ଉପାୟ**
**॥୧୨॥**

ଭାଷ୍ୟ - ଆର୍ତ୍ତ, ଦୀନ ଏବଂ ଅଧୀନ ହୋଇ ସଦ୍‌ଗୁରୁଙ୍କର ଶରଣାଗତ ହେଲେ ପ୍ରଭୁ ପ୍ରାପ୍ତିର ମାର୍ଗ ଉନ୍ମୁକ୍ତ ହୋଇଥାଏ । ଏତଦ୍ ଭିନ୍ନ ଅନ୍ୟ କୌଣସି ଉପାୟ ନାହିଁ ।

## ଦିବ୍ୟଦର୍ଶନ ଓ ଗୁରୁ ତତ୍ତ୍ୱ

### ଗୋପୀନାଥ ଷଡ଼ଙ୍ଗୀ

ଦିବ୍ୟ ଦର୍ଶନ କହେ- ଗୁରୁ ଅର୍ଥ ଜ୍ଞାନ । ଜ୍ଞାନ କହିଲେ ସତ୍ୟ ବା ଦିବ୍ୟ । ଏଣୁ ଦିବ୍ୟ ଦର୍ଶନ ସତ୍ୟ ଉପରେ ଆଧାରିତ । ଏହାର ପ୍ରତିଷ୍ଠାତା ସଦଗୁରୁ ଅର୍ଜୁନ ଏକ ସ୍ୱୟଂ ସିଦ୍ଧ ପୁରୁଷ । ଦିବ୍ୟ ଦର୍ଶନକୁ କେହି ସୃଷ୍ଟି କରି ନାହାନ୍ତି । ଦିବ୍ୟଦର୍ଶନ ସ୍ୱୟଂ ଆବିର୍ଭାବ ହୋଇଛି । ସଦ୍‌ଗୁରୁ ଅର୍ଜୁନ ଜଣେ ବିନ୍ଦୁରୁ ଶିଷ୍ୟାଙ୍କ ମତାନୁଯାୟୀ ସୁନାବେଡ଼ାରେ ଦିବ୍ୟଦର୍ଶନ ସଂଘନାମ କରଣ କରିଛନ୍ତି । ତାଙ୍କରି ମତ ହେଲା- ଆମେ ଆପଣଙ୍କ ସଦ୍‌ଜ୍ଞାନଶ୍ରବଣ କରି ଆମ ଶରୀରରେ ଥିବା ଦିବ୍ୟ ରୂପୀ ଆତ୍ମାକୁ ଦର୍ଶନ କରି ପାରୁଛୁଁ । ଏଣୁ ଏହାର ନାମ ଦିବ୍ୟ ଦର୍ଶନ ହେଉ । ଦିବ୍ୟଦର୍ଶନ ପ୍ରସ୍ଥାନ ତ୍ରୟୀକୁ ସ୍ୱୀକାର କରେ । ଉପନିଷଦ, ବେଦାନ୍ତ ଦର୍ଶନ ଓ ଭଗବତ୍ ଗୀତା ।

ଆମର ପ୍ରାଚୀନ ଗ୍ରନ୍ଥଗୁଡିକ ବର୍ତ୍ତମାନର ସମାଜ ବୁଝି ପାରୁ ନ ଥିବା ବେଳେ ଦିବ୍ୟ ଦର୍ଶନ ଯୁଗୋପଯୋଗୀ ଶୈଳୀରେ ବେଦ ବେଦାନ୍ତ କଥା ବୈଜ୍ଞାନିକ ପ୍ରମାଣ ସହ ଉପସ୍ଥାପନ କରି ଗୁରୁଙ୍କ ଇଚ୍ଛାରେ ସହସ୍ର ବ୍ୟାସ ସୃଷ୍ଟି କରିବାରେ କାର୍ଯ୍ୟରତ । ଗୁରୁ କହନ୍ତି 'ସମସ୍ତେ ସତ୍ୟଜ୍ଞାନ ଶିକ୍ଷା କରି ଦୈବୀ ଗୁଣ ଆଚରଣ କଲେ ଅଚିରେ ସତ୍ୟଯୁଗ ଫେରି ଆସିବ । ଦିବ୍ୟଦର୍ଶନ ହିଁ କେବଳ ସତ୍ୟ ଯୁଗ ଫେରାଇ ଆଣିବ ।'

ଗୁରୁ ଶବ୍ଦକୁ ବ୍ୟାଖ୍ୟା କଲେ 'ଗୁ' ଅର୍ଥ ଗୁଣାତୀତ ଏବଂ 'ରୁ' ଅର୍ଥ ରୂପାତୀତ (ରୂପବର୍ଜୀତ) ଗୁରୁ ହେଉଛନ୍ତି ଗୁଣ ରୂପର ଉର୍ଦ୍ଧ୍ୱରେ ନିର୍ଗୁଣ ନିରାକାର ଶୂନ୍ୟ ହିଁ ଶୂନ୍ୟ । ଦିଗହରା ମନୁଷ୍ୟକୁ ପ୍ରକୃତ ଦିଗ ଦେଖାଇବାର ନାମ ଦୀକ୍ଷା ଅଟେ । ଦୀକ୍ଷା ହେଉଛି ଶପଥ କରିବା ଅନୁବନ୍ଧିତ ହେବା, ସଂକଳ୍ପ କରିବା । ଦୀକ୍ଷା ଗ୍ରହଣ ପରେ ବ୍ୟକ୍ତି ହୋଇଯାଏ ଦ୍ୱିଜ । ପାଞ୍ଚ ପ୍ରକାର ଗୁରୁ ଅଛନ୍ତି । ମାଆ, ବାପା, ଶିକ୍ଷା ଗୁରୁ, କର୍ଣ୍ଣଗୁରୁ, ଦୀକ୍ଷାଗୁରୁ ବା ସଦଗୁରୁ ।

ମାଆ ଆମମାନଙ୍କୁ ଜନ୍ମ ଦେଇ ନିଜେ ସମସ୍ତ ଦୁଃଖ ଯନ୍ତ୍ରଣା ସହ୍ୟ କରି ଆମର ଯତ୍ନ ନେଇ ଚାଲିଛି । ତେଣୁ ମାଁ ପ୍ରଥମ ଗୁରୁ । ମାଆ ହେଉଛନ୍ତି ସହିଷ୍ଣୁତାର ପାହାଡ଼, ଶାନ୍ତିର ଯମୁନା, ପବିତ୍ରତାର ଗଙ୍ଗା, ପ୍ରେମ ଓ ମମତାର ଅସରନ୍ତି ଧାରା ।

ପିତା ସନ୍ତାନର ଦୁଃଖ ସୁଖରେ ନିଜକୁ ସାମିଲ କରି ଭରଣ ପୋଷଣ, ରକ୍ଷଣାବେକ୍ଷଣା ତଥା ଶିକ୍ଷା, ଦୀକ୍ଷାର ସମସ୍ତ ଦାୟିତ୍ୱ ବହନ କରି ନିଜସନ୍ତାନକୁ ସମାଜରେ ପ୍ରତିଷ୍ଠିତ କରାଇବାରେ ପ୍ରାଣପଣେ ଚେଷ୍ଟା କରନ୍ତି ।

ଶିକ୍ଷକମାନେ ହେଲେ ଶିକ୍ଷାଗୁରୁ । ସେମାନେ ବୈଷୟିକ ଜ୍ଞାନ ପ୍ରଦାନ ମାଧମରେ ମଣିଷ କିପରି ସ୍ୱାବଲମ୍ବୀ ହେବା ସହିତ ସତ୍ ଚରିତ୍ର ଗଠନ ପୂର୍ବକ ଏକ ସରଳ, ସୁସ୍ଥ ପରିବେଶ ମଧରେ ଅବସ୍ଥାନ କରି ସାମୂହିକ ଉନ୍ନତି ଦିଗରେ ବ୍ରତୀ ହେବାର ମାର୍ଗ ସୂଚାଇଥାନ୍ତି ।

କର୍ଣ୍ଣଗୁରୁ ଭଗବାନଙ୍କ ଠିକଣା ନଜାଣି ମଧ ଭଗବାନଙ୍କ ଏକ ନାମ କର୍ଣ୍ଣରେ କହି ତାହା ଜପ କରିବାକୁ କହି ଆଧାତ୍ମିକ ଜୀବନର ପ୍ରଥମ ପାହାଚରେ ଉପନୀତ କରନ୍ତି । ସଦଗୁରୁମାନେ ଜୀବ, ପରମ ଓ ପ୍ରକୃତି ମଧରେ ଥିବା ପାର୍ଥକ୍ୟ ଏବଂ ତା ଭିତରେ ଥିବା ଗୂଢ଼ ତଥ୍ୟାବଳୀକୁ ଅନୁଭବ କରି ଶିକ୍ଷା ଦିଅନ୍ତି ।

ସଦଗୁରୁ ତିନି ପ୍ରକାର । ସାଧନାସିଦ୍ଧ ସଦଗୁରୁ, କୃପାସିଦ୍ଧ ସଦଗୁରୁ ଓ ସ୍ୱୟଂସିଦ୍ଧ ସଦଗୁରୁ ।

**ପ୍ରଧାନପଡ଼ା, ବୁଢ଼ାରଜା**

## ଉପକାରୀ ମଟର



**ଆମ** ଶରୀର ପାଇଁ ମଟର ଛୁଇଁର ମଧ ଅନେକ ଉପକାର ରହିଛି । କାରଣ ଏଥିରେ ରହିଛି ଆଇରନ୍, କ୍ୟାଲସିୟମ, ଭିଟାମିନ୍ ବି ୬, ଭିଟାମିନ୍ ସି, ମ୍ୟାଗ୍ନେସିୟମ୍ ଭଳି ଅନେକ ଗୁଣକାରୀ ତତ୍ତ୍ୱ । ଫଳରେ ଏହାକୁ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ହୃତ୍‌ପିଣ୍ଡ ଓ କିଡ୍‌ନୀ ସୁସ୍ଥ ରହିଥାଏ । ଏହା ରକ୍ତଚାପକୁ ମଧ ନିୟନ୍ତ୍ରଣରେ ରଖିଥାଏ । ଏଥିରେ ଫାଇବରର କିଛି ମାତ୍ରା ରହୁଥିବାରୁ ପାଚନତନ୍ତ୍ରକୁ ସକ୍ରିୟ କରିବାରେ ମଧ ଏହା ସାହାଯ୍ୟ କରିଥାଏ । କେବଳ ସେତିକି ନୁହେଁ, ଏହା କୋଲେଷ୍ଟରଲକୁ ମଧ ନିୟନ୍ତ୍ରଣରେ ରଖିଥାଏ । କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ, ତ୍ୱଚାର ସୌନ୍ଦର୍ଯ୍ୟ ବଢ଼ାଇବାରେ ବି ମଟର ଛୁଇଁର ଅନେକ ଭୂମିକା ରହିଛି । ମଟର ଛୁଇଁକୁ ଫାଇନ୍ ପେଷ୍ଟ କରି ତ୍ୱଚାରେ ଧୀରେ ଧୀରେ ମାଲିସ୍ କଲେ, ଏହା ନାଚୁରାଲ ଷ୍କ୍ରବ୍ ର କାମ ଦେଇଥାଏ । କୁହାଯାଏ, ଏହିପରି କିଛିଦିନ କଲେ ତ୍ୱଚା ସଫା ଦେଖାଯିବା ସହ ଗ୍ଲୋ କରିଥାଏ । ଶୀତଦିନେ ଅନେକଙ୍କର ଓଠ ଆଉ ପାଦର ଗୋଇଠି ଫାଟେ । କଞ୍ଚା ମଟର ଛୁଇରୁ କିଛିକିଛି ନିୟମିତ ଖାଇଲେ ଏହି ସମସ୍ୟାରୁ କୁଆଡ଼େ ଅନେକ ଉପଶମ ମିଳିଥାଏ । ତେବେ ଅନେକ ଗୁଣରେ ଭରା ଏହି ମଟର ଛୁଇଁର କିନ୍ତୁ ଗୋଟିଏ ଅସୁବିଧା ରହିଛି ; ତାହା ହେଉଛି ଗ୍ୟାସ୍ ସମସ୍ୟା । ତେଣୁ ଗ୍ୟାସ୍ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଟିକେ ଦେଖିଚାହିଁ ମଟର ଛୁଇଁ ଖାଇବା ଦରକାର ।

## ଟିକିଏ ହସନ୍ତୁ

ପପୁ ନିଜ ବିବାହ ପାଇଁ ଝିଅ ଦେଖିବାକୁ ଯାଇଥିଲା । ହେଲେ ପପୁକୁ ଦେଖି ଝିଅର ମା' ବେହୋସ୍ ହୋଇଗଲା ।
ଝିଅ : କ'ଣ ହେଲା ମା' । ତୁମେ କାହିଁକି ବେହୋସ ହୋଇଗଲ ।
ମାଁ : ୨୦ ବର୍ଷ ତଳେ ଏହି ଲୋକ ମୋତେ ବି ଦେଖିବାକୁ ଆସିଥିଲା ।

× × ×

ଦିନେ ଚିପୁ ତା' ଭାଉଜକୁ ଖୁବ୍ ଗାଳି ଦେଉଥିଲା । ଚିପୁର ଭାଇ ଗପୁ ଆସି ପଚାରିଲା ଆରେ ଭାଉଜକୁ କାହିଁକି ଗାଳିଗୁଲଜ କରୁଛୁ ।
ଗପୁ : ଭାଉଜ ତୋର କ'ଣ ଅସୁବିଧା କରିଛି ।
ଚିପୁ : ଭାଉଜ ଆଦୌ ଭଲ ମହିଳା ନୁହନ୍ତି ।
ଗପୁ : ତୁ କେମିତି ଜାଣିଲୁ ?
ଚିପୁ : ମୁଁ ମୋ ସାଙ୍ଗମାନଙ୍କୁ ଯେତେବେଳେ ଫୋନ୍‌ରେ କଥା ହେଉଥିବାର ଦେଖି ପଚାରେ କାହା ସହିତ କଥା ହେଉଛୁ । ଉତ୍ତର ଦିଅନ୍ତି ତୋ ଭାଉଜ ସହ ।

× × × ×



ନଦୀ କୂଳରେ ଫଟୋଗ୍ରାଫର୍ ଫଟୋ ଉଠାଉଥାଏ । ହଠାତ ଜଣେ ମହିଳା ତାଙ୍କ ଆଡ଼କୁ ଦୌଡ଼ି ଆସିଲେ -
ମହିଳା : ଦୟାକରି ଶୀଘ୍ର ମୋ ସହିତ ଚାଲନ୍ତୁ । ମୋ ବାନ୍ଧବୀ ଏବେ ପାଣିରେ ବୁଡ଼ିଯାଉଛି ।
ଫଟୋଗ୍ରାଫର : ଇସ୍ ! ଟିକେ ଆଗରୁ ଯଦି କହିଥାଆନ୍ତେ ! ମୋ କ୍ୟାମେରା ବ୍ୟାଟେରିରୁ ଚାର୍ଜ ସରିଗଲା ।

× × × ×

ସ୍ୱାମୀ ସ୍ତ୍ରୀକୁ : ମୋ ପାଇଁ କେଶର ପକା କ୍ଷୀର ଆଣିଲ ।
ସ୍ତ୍ରୀ : ହଉ, ଟିକେ ଅପେକ୍ଷା କର ।
ସ୍ୱାମୀ : କେତେ ସମୟ ଲାଗୁଛି ?
ସ୍ତ୍ରୀ : ହେଇଟି ନିଅ ।
ସ୍ୱାମୀ ପିଉ ପିଉ : ୟାର ଟେଷ୍ଟ କ'ଣ ଏମିତି ଲାଗୁଛି ?
ସ୍ତ୍ରୀ : କେଶର ସରି ଯାଇଥିଲା । ସେଥିପାଇଁ ତମ ଶାର୍ଟ ପକେଟରୁ କେଶର ବାଲା ପାନ ମସଲା ଆଣି କ୍ଷୀରରେ ମିଶେଇ ଦେଇଛି ।
ସ୍ୱାମୀ : କ'ଣ ?
ସ୍ତ୍ରୀ : ହଁ । ଆଡଭର୍ଟାଇଜମେଣ୍ଟରେ ପରା କହେ 'ଇସ୍‌କେ ଦାନେ ଦାନେ ମେଁ କେଶର୍ କା ଦମ୍ ହୈ ।

× × × × × ×

ପପୁ ବାପାଙ୍କୁ– ବାପା ତୁମ ପାଇଁ ଗୋଟେ ଗୁଡ୍ ନ୍ୟୁଜ୍ ଅଛି ।
ବାପା- କ'ଣ ?
ପପୁ-ତମେ କହିଥିଲ ମୁଁ ପରୀକ୍ଷାରେ ପାସ୍ ହେଇଗଲେ ତମେ ମତେ ୫୦୦୦ଟଙ୍କା ଦେବ । ଜାଣି ଖୁସି ହେବ ଯେ, ମୁଁ ଫେଲ୍ ହେଇଗଲି । ଆଉ ତୁମ ଟଙ୍କା ବଞ୍ଚିଗଲା ।

× × × × × ×

ଦୁଷ୍ଟ ହେବାରୁ ଚିଣ୍ଟୁ ମାମାଙ୍କଠାରୁ ଜୋର୍‌ରେ ମାଡ଼ ଖାଇଲା । ଏହାପରେ ଚିଣ୍ଟୁ ବାପାଙ୍କୁ- ବାପା ତମେ କ'ଣ କେବେ ପାକିସ୍ତାନ ଯାଇଥିଲ ?
ବାପା : ନା ।
ଚିଣ୍ଟୁ : ତା' ହେଲେ ମାମା ପରି ଆତଙ୍କବାଦୀକୁ କୋଉଠୁ ପାଇ ଆଣିଲ ?

# ଘି କୁଆଁରୀର ଉପକାରିତା

ଘି- କୁଆଁରୀ ଜୁସ୍ ସ୍ୱାସ୍ଥ୍ୟ ପାଇଁ ବରଦାନ କହିଲେ ଭୁଲ୍ ହେବ ନାହିଁ । ଘି- କୁଆଁରୀକୁ ଚମତ୍କାରୀ ଔଷଧ ରୂପେ ବ୍ୟବହାର କରାଯାଏ ଯାହା ସ୍ୱାସ୍ଥ୍ୟ ସହ ଚର୍ମ ପାଇଁ ମଧ ଉପକାରୀ ହୋଇଥାଏ । ଏହାର ଉପକାରିତା ପାଇଁ ବଜାରରେ ଭିନ୍ନ ଭିନ୍ନ ବ୍ରାଣ୍ଡରେ ଆଲୋଭେରା ଜୁସ୍ ବିକ୍ରି ହେଉଛି ।

୩ ବଡ଼ ରୋଗରୁ ରକ୍ଷା: ବର୍ତ୍ତମାନ ସମୟରେ ୩ଟି ବଡ଼ ରୋଗ ହେଉଛି ଉଚ୍ଚ ରକ୍ତଚାପ, ମେଦ ବହୁଳତା ଓ ମଧୁମେହ । ଯଦି ଦୈନନ୍ଦିନ ୫ ମିଲିଗ୍ରାମ ଘି କୁଆଁରୀ ଜୁସ୍ ସେବନ କରାଯାଏ ତେବେ ଏହି ତିନିଟି ରୋଗରୁ ରକ୍ଷା ପାଇହେବ । ଦୈନନ୍ଦିନ ଘି- କୁଆଁରୀ ଜୁସ୍ ପିଇବା ଦ୍ୱାରା ମେଦ, ରକ୍ତଚାପ ଓ ମଧୁମେହକୁ ନିୟନ୍ତ୍ରଣ କରାଯାଇ ପାରିବ ।



୩ ଟି ଅଙ୍ଗ ରକ୍ଷା: ଶରୀରର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ବୃକକ୍, ଯକୃତ ଓ ହୃଦୟ । ଏହି ଅଙ୍ଗ ସହ ଜଡିତ ରୋଗରେ ପ୍ରତିବର୍ଷ ଲକ୍ଷାଧିକ ମୃତ୍ୟୁ ହେଉଛି । ଘି- କୁଆଁରୀ ରସ ସେବନ କରିବା ଦ୍ୱାରା ଅଙ୍ଗଗୁଡିକର ରକ୍ଷା କରାଯାଇ ପାରିବ । ଶରୀରରେ ଖାଦ୍ୟ ସହ ଅନ୍ୟାନ୍ୟ ପଦାର୍ଥ କ୍ଷତିକାରକ ପଦାର୍ଥ ମଧ ଯାଇଥାଏ ଯାହା ଶରୀରକୁ କ୍ଷତି ପହଞ୍ଚାଇ ଥାଏ । ଏହାକୁ ଟକ୍ସିନ୍ କୁହାଯାଏ । ଘି କୁଆଁରୀ ସେବନ କରିବା ଦ୍ୱାରା ଅଦରକାରୀ ଟକ୍ସିନ୍ ବାହାରିଯାଏ ।

୩ଟି ପେଟ ରୋଗ: ପେଟର ୩ଟି ମୁଖ୍ୟ ସମସ୍ୟା ହେଉଛି କୋଷ୍ଠକାଠିନ୍ୟ, ବଦହଜମ ଓ ଗ୍ୟାସ୍ । କୋଷ୍ଠକାଠିନ୍ୟ ହେଲେ ପେଟରେ ଯନ୍ତ୍ରଣା ହୋଇ ସଫା ହୁଏ ନାହିଁ । ଗ୍ୟାସ୍ ହେବା ଦ୍ୱାରା ଖାଦ୍ୟରେ କଟକଣା ଲାଗିଯାଏ । ବଦହଜମୀରେ ପୋଷକତତ୍ତ୍ୱ ମିଳିପାରେ ନାହିଁ । ଯଦି ୫ ମିଲିଗ୍ରାମ ଘି- କୁଆଁରୀ ଜୁସ୍ ସେବନ କରାଯାଏ ତେବେ ଏହି ସମସ୍ୟାରୁ ରକ୍ଷା ପାଇବା ସହ ମେଦବହୁଳତାରୁ ଆଶ୍ୱସ୍ତି ମିଳିଥାଏ ।

୩ ପ୍ରକ୍ରିୟାରେ ମେଦ ହ୍ରାସ: ସାଧାରଣତଃ ଓଜନ ବଢ଼ିବା କାରଣ ହେଉଛି ଦରକାରରୁ ଅଧିକ ଖାଦ୍ୟ ସେବନ, କୋଷ ଗୁଡିକରେ ଫ୍ୟାଟ୍ ଜମା ହେବା ଓ ମେଟାବଲିଜମ୍ ଦୁର୍ବଳ ହେବା । ଘି- କୁଆଁରୀ ରସ ଏହି ସମସ୍ତ ସମସ୍ୟାରୁ ରକ୍ଷା କରିଥାଏ । ଏହା ଭୋକ ନିୟନ୍ତ୍ରଣ କରିବା ସହ ମେଟାବଲିଜିମ୍ ବଢ଼ାଇ ଶରୀରକୁ ସୁସ୍ଥ ରଖେ ।

୩ ପ୍ରକ୍ରିୟାରେ ସୁନ୍ଦରତା ବୃଦ୍ଧି: ସମସ୍ତେ ସୁନ୍ଦର ଦେଖାଯିବା ପାଇଁ ଚେଷ୍ଟିତ ଥାଆନ୍ତି । ଯେପରିକି ଚର୍ମ ସୁସ୍ଥ ରଖିବା, କେଶ ସୁସ୍ଥ ରଖିବା ଓ ଚେହେରା ଚମକିବା । ଦୈନନ୍ଦିନ ଘି- କୁଆଁରୀ ରସ ପିଇବା ଦ୍ୱାରା ଚର୍ମ ସୁସ୍ଥ ଓ ଚମକଦାର ରହିଥାଏ । ଘି କୁଆଁରୀ ରସ ପିଇବା ଦ୍ୱାରା କେଶ ଘନ ହୋଇଥାଏ ।

## ବାସିରୁଟିର ଫାଇଦା

ଘରେ ଯଦି କୌଣସି ଦିନ ଅଧିକ ରୁଟି ତିଆରି ହୋଇଯାଏ ତେବେ ତାକୁ ପର ଦିନ ଖାଇବା ବଦଳରେ ଆମେ ତାକୁ ଫୋପାଡି ଦେଇଥାଉ । କିନ୍ତୁ ଏକ ଗବେଷଣାରୁ ଜଣା ପଡୁଛି ଯେ ତାଜା ରୁଟି ଅପେକ୍ଷା ବାସୀ ରୁଟି ଖାଇବା ଆମ ଶରୀର ପାଇଁ ଅଧିକ ଲାଭ ଦାୟକ ।

ବାସୀ ରୁଟିରେ ଥାଏ ତାଜା ରୁଟି ଅପେକ୍ଷା ଅଧିକ ପୁଷ୍ଟିକର ପଦାର୍ଥ ସାଙ୍ଗକୁ ପ୍ରୋଟିନ୍ ଯାହା ଆମ ଶରୀରର ଉର୍ଜା ବଢ଼ାଇବାରେ ସାହାଯ୍ୟ କରେ ।



ସାଧାରଣ ମଣିଷ ଅପେକ୍ଷା ଜଣେ ମଧୁମେହ ରୋଗୀ ପାଇଁ ବାସୀ ରୁଟି ବେଶୀ ଲାଭ ଦାୟକ । କାରଣ ବାସୀ ରୁଟି ସେମାନଙ୍କ ରକ୍ତରେ ଥିବା ଗ୍ଲୁକୋଜର ପରିମାଣକୁ ନିୟନ୍ତ୍ରଣରେ ରଖେ ।

ରକ୍ତ ଚାପ ରୋଗୀମାନେ ଯଦି ପ୍ରତିଦିନ ଥଣ୍ଡା କ୍ଷୀରରେ ବାସୀ ରୁଟି ଖାଇବେ ତେବେ ସେମାନଙ୍କ ରକ୍ତ ଚାପ କଣ୍ଟ୍ରୋଲରେ ରୁହେ ।

ଜିମରୁ ଫେରି ଆପଣ ଯଦି ବ୍ରେକଫାଷ୍ଟରେ ବାସୀ ରୁଟି ସେବନ କରନ୍ତି ତେବେ ଏହା ଆପଣଙ୍କ ଶରୀରକୁ ଶକ୍ତି ଯୋଗାଇବା ସହ ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଦଳୀ

ପାଚିଲା କଦଳୀ ତ ଖାଇବାକୁ ସମସ୍ତଙ୍କୁ ଭଲ ଲାଗେ । ନିୟମିତ ଖାଦ୍ୟରେ କେବଳ ପାଚିଲା ନୁହେଁ ବରଂ କଞ୍ଚା କଦଳୀକୁ ମଧ ସାମିଲ୍ କରନ୍ତୁ । କାରଣ ଏଥିରେ ପୋଟାସିୟମ ଭରପୁର ମାତ୍ରାରେ ରହିଥାଏ । ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହିତ ଫୁର୍ତ୍ତି ମଧ ରଖିଥାଏ । ଏଥିରେ ଥିବା ଭିଟାମିନ ବି-୬ ଓ ଭିଟାମିନ୍ ସି' ଶରୀରର କୋଶିକାଗୁଡ଼ିକୁ ପୋଷଣ ଯୋଗେଇଥାଏ । କଞ୍ଚା କଦଳୀରେ ଆଣ୍ଟି ଅକ୍ସିଡାଣ୍ଟ ରହିଛି । ଫଳରେ ପ୍ରତିଦିନ ଗୋଟିଏ କଞ୍ଚାକଦଳୀ ଖାଇବା ଶରୀର ପାଇଁ ଖୁବ୍ ଲାଭଦାୟକ ହୋଇଥାଏ ।



ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହାନ୍ତି ତେବେ ପ୍ରତିଦିନ ଗୋଟିଏ କଞ୍ଚା କଦଳୀ ଖାଇବାକୁ ପରାମର୍ଶ ଦିଆଯାଏ । ଏଥିରେ ଭରପୁର ମାତ୍ରାରେ ତନ୍ତୁ ରହିଥିବାରୁ ଏହା ଅନାବଶ୍ୟକ ଫ୍ୟାଟ୍ ସେଲ୍ସଗୁଡ଼ିକୁ ସଫା କରିବାରେ ସାହାଯ୍ୟ କରିଥାଏ । କୋଷ୍ଠକାଠିନ୍ୟ ସମସ୍ୟା ରହୁଥିଲେ କଞ୍ଚା କଦଳୀ ବେଶ୍ ଲାଭଦାୟକ ।

ମଧୁମେହ ରୋଗରେ ପୀଡିତ ଲୋକେ କଞ୍ଚା କଦଳୀ ଖାଇବା ଉଚିତ । ଏହାଦ୍ୱାରା ମଧୁମେହକୁ ନିୟନ୍ତ୍ରିତ କରି ହୁଏ । ପ୍ରତିଦିନ କଞ୍ଚା କଦଳୀ ଖାଇବା ଦ୍ୱାରା ପାଚନ କ୍ରିୟା ସହଜ ହୋଇଥାଏ । କଞ୍ଚାକଦଳୀରେ କ୍ୟାଲସିୟମ ବି ରହିଛି । ଯାହା ହାଡ଼କୁ ମଜଭୁତ ରଖିବାରେ ସହାୟକ ହୋଇଥାଏ ।

## ଥଣ୍ଡା ସର୍ଦ୍ଦିରୁ ମୁକ୍ତି ଦିଏ ଗୋଲମରିଚ

ଗୋଲମରିଚକୁ ଲୋକେ ପ୍ରାୟତଃ ଗରମ ମସଲା ରୂପରେ ବ୍ୟବହାର କରନ୍ତି । ଏଥି ସହିତ ପିଠା ପଣାରେ ସ୍ୱାଦ ବଢ଼ାଇବା ଲାଗି ମଧ ଗୋଲମରିଚ ଗୁଣ୍ଡ ବ୍ୟବହାର କରାଯାଇଥାଏ । ଛୋଟ ଛୋଟ ଦାନାର ଏହି କଳା ଗୋଲ ମରିଚ ଔଷଧୀୟ ଗୁଣରେ ପରିପୂର୍ଣ୍ଣ । ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ, ଆଣ୍ଟିମାଇକ୍ରୋବିୟାଲ, ଆଣ୍ଟିଓବେସିଟି ଆଦି ଗୁଣ ରହିଥାଏ । ଏହିସବୁ ଗୁଣ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିଥାଏ ।



ପାଚନ ତନ୍ତ୍ର ଠିକ୍ କରେ: ଗୋଲମରିଚ ପାଚନ ସମ୍ବନ୍ଧୀୟ ସମସ୍ୟାକୁ ଦୂର କରେ । ଏଥିରେ ପିପେରିନ ନାମକ ଏକ ତତ୍ତ୍ୱ ରହିଛି ଯାହା ପାଚନ କ୍ଷମତାକୁ ବୃଦ୍ଧି କରିଥାଏ । ଏହା ହଜମ ଶକ୍ତି ବୃଦ୍ଧି କରେ ଓ ଗ୍ୟାସ୍, କୋଷ୍ଠକାଠିନ୍ୟ, ଅପଚ ଆଦି ରୋଗରୁ ମୁକ୍ତି ଦେଇଥାଏ ।

ସର୍ଦ୍ଦି - ଥଣ୍ଡା ମୁକ୍ତି: ଗୋଲମରିଚରେ ଥିବା ପିପେରିନ ଥଣ୍ଡା ଓ ସର୍ଦ୍ଦି ସମସ୍ୟାରୁ ମୁକ୍ତିଦିଏ । ଏଥିରେ ଥିବା ରୋଗ ପ୍ରତିରୋଧକ ଗୁଣ ଇମ୍ୟୁନିଟି ବୃଷ୍ଟ କରିବା ସହିତ ଶରୀରକୁ ବ୍ୟାକ୍ଟେରିଆଲ ଓ ଭାଇରସ ସହିତ ଲଢ଼େଇ କରିବାରେ ସହାୟତା କରିଥାଏ । ଯଦି ଥଣ୍ଡା କାଶ ହୋଇଛି ତେବେ ଗୋଲମରିଚ ଗୁଣ୍ଡ ମହୁ ସେବନ କରନ୍ତୁ । ଏଥି ସହିତ ରେଡ ଟି'ରେ ଗୋଲମରିଚ ପକାଇ ପିଅନ୍ତୁ । ଥଣ୍ଡା ପାଇଁ ରାମବାଣ ପରି କାମ କରିଥାଏ ।

ଓରାଲ ହେଲ୍ଥ ଲାଗି ଫଳପ୍ରଦ: ଏଥିରେ ଥିବା ଆଣ୍ଟିମାଇକ୍ରୋଭିୟାଲ ଓ ଆଣ୍ଟି ଇନ୍ଫ୍ଲେମେଟରୀ ଗୁଣ ପାଟି ସମସ୍ୟାକୁ ଦୂର କରିଥାଏ । ପାଟିକୁ ଦୁର୍ଗନ୍ଧ କରୁଥିବା ବ୍ୟାକ୍ଟେରିଆକୁ ଏହା ମୁକ୍ତିଦେଇଥାଏ । ଏଥି ସହିତ ମୁହଁ ଫୁଲିବାରୁ ମୁକ୍ତି ମିଳେ । ଗୋଲମରିଚ ଚା' ପିଇବା ଦ୍ୱାରା ଦାନ୍ତ ସୁରକ୍ଷିତ ରହିଥାଏ ।

ୱେଟ ଲସ: ଯଦି ଆପଣ ୱେଟ ଲସ କରିବାକୁ ଚାହୁଁଛନ୍ତି ତେବେ ଗୋଲମରିଚ ସେବନ କରନ୍ତୁ । ଏଥିରେ ଥିବା ପିପେରିନ ଓ ଆଣ୍ଟିଓବେସିଟିର ପ୍ରଭାବ ଯୋଗୁଁ ୱେଟ ଲସ ହେବାରେ ସହାୟତା କରିଥାଏ । ଏଥିପାଇଁ ଗୋଲମରିଚ ଗୁଣ୍ଡକୁ ଖାଦ୍ୟରେ ସାମିଲ କରନ୍ତୁ । ନଚେତ ଏହାର କାଢ଼ା ମଧ ସେବନ କରି ପାରିବେ ।

ମାଂସପେଶୀ ଯନ୍ତ୍ରଣା ଲାଘବ: ଗୋଲମରିଚରେ ଥିବା ଔଷଧୀୟ ଗୁଣ ମାଂସପେଶୀ ଓ ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ଦିଏ ।

## ଆପଣ ଜାଣନ୍ତି କି ?

- ଦିନ ଅପେକ୍ଷା ରାତି ସମୟରେ ମସ୍ତିଷ୍କ ଅଧିକ ସକ୍ରିୟ ରହେ ।
- ଜନ୍ମ ପରେ ନାକ, କାନର ଆକାର ବଢ଼ିଥାଏ, ଆଖିର ଆକାର ସ୍ଥିର ରହେ ।
- ଜିଭ ସର୍ବାଧିକ ଶକ୍ତିଶାଳୀ । ମାଂସପେଶୀ ଓ ମାଢ଼ି ଅସ୍ଥି ସବୁଠୁ ଟାଣ ।
- ପୁରୁଷ ଶରୀରର ଆନୁମାନିକ ରକ୍ତ ପରିମାଣ ୬.୮ ଲିଟର୍ ଓ ମହିଳାଙ୍କର ପାଞ୍ଚ ଲିଟର ।
- ରକ୍ତପ୍ରବାହ ହେଉ ନ ଥିବା ଏକ ମାତ୍ର ଅଙ୍ଗ ଆଖିର କର୍ନିଆ, ଏହା ବାୟୁମଣ୍ଡଳର ଅମ୍ଳଜାନ ନିଏ ।
- ପୁରୁଷଙ୍କ ତୁଳନାରେ ମହିଳାଙ୍କ ହୃଦ୍‌ସ୍ପନ୍ଦନ ଅଧିକ କ୍ଷିପ୍ର, ଆଘ୍ରାଣ ଶକ୍ତି ବି ଅଧିକ ।
- ପ୍ରତି ମିନିଟରେ ତିନି ଶହ ନିୟୁତ କୋଷ ଶରୀରରେ ସମାଧି ନିଅନ୍ତି ଏବଂ ଦିନକୁ ତିନି ଶହ କୋଟି ନୂଆ କୋଷ ଜନ୍ମ ହୁଅନ୍ତି ।
- ଶରୀରର ସମୁଦାୟ ଅସ୍ଥିର ଅଧା ରହିଛି କେବଳ ହାତ ଓ ପାଦରେ ।
- ଜୀବନକାଳ ମଧରେ ଜଣେ ମଣିଷର ଜିଭରୁ ଝରୁଥିବା ସମୁଦାୟ ଲାଳ ଦୁଇଟି ସନ୍ତରଣ କୁଣ୍ଡ ପାଇ ଯଥେଷ୍ଟ ।
- ଦଶ ବର୍ଷରେ ଥରେ କଙ୍କାଳର ଗଠନ ପ୍ରକ୍ରିୟାରେ ସ୍ୱତଃପରିବର୍ତ୍ତନ ଘଟେ ।
- ହୀରାକୁଦ ପୃଥିବୀର ଦୀର୍ଘତମ ଡ୍ୟାମ୍ ହୋଇଥିବା ବେଳେ ଏସିଆର ସବୁଠାରୁ ବଡ଼ କୃତ୍ରିମ ହ୍ରଦ ।

## କହିପାରିବେ କି ?

(୧) ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁରଙ୍କୁ ଇଂରେଜ ସରକାର କେଉଁ ଉପାଧି ପ୍ରଦାନ କରିଥିଲେ ?
(୨) ଭାରତ ଶାସନ ଆଇନ ବ୍ରିଟିଶ ପାର୍ଲିଆମେଣ୍ଟରେ କେବେ ଗୃହୀତ ହୋଇଥିଲା ?
(୩) କେଉଁ ଭାଷାର ଶିକ୍ଷାର ପ୍ରସାର ଓଡ଼ିଶାରେ ଜାତୀୟ ଚେତନା ସୃଷ୍ଟିରେ ସାହାଯ୍ୟ କରିଥିଲା ?
(୪) 'ଉତ୍କଳ ସଭା'ର ପ୍ରଥମ ସଂପାଦକ କିଏ ଥିଲେ ?
(୫) କନିକାର ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେବ କେଉଁ ଦଳର ନେତା ଥିଲେ ?
(୬) ୧୯୪୮ ଜାନୁଆରୀ ୧ ଠାରୁ କେତୋଟି ଓଡ଼ିଆ ଭାଷାଭାଷୀ ଗଡ଼ଜାତ ରାଜ୍ୟ ଓଡ଼ିଶା ସହ ମିଶିଥିଲା ?
(୭) ଆମ ଦେଶରେ ଗ୍ରାମାଞ୍ଚଳ ନାରୀ ଓ ଶିଶୁ ବିକାଶ ଯୋଜନା କେବେ ଆରମ୍ଭ ହୋଇଥିଲା ?
(୮) ପରମାଣୁ ଶକ୍ତି ଆୟୋଗର ପ୍ରଥମ ଅଧକ୍ଷ କିଏ ଥିଲେ ?
(୯) ରାଷ୍ଟ୍ରୀୟ ମାଧମିକ ଶିକ୍ଷା ଅଭିଯାନ କେଉଁ ଶିକ୍ଷାବର୍ଷ ଠାରୁ ଆରମ୍ଭ ହୋଇଛି ?
(୧୦) ସୁନାବେଡ଼ା ଠାରେ ଥିବା ମିଗ୍ ବିମାନ ଇଞ୍ଜିନ କାରଖାନା କେଉଁ ଦେଶର ସହାୟତାରେ ନିର୍ମିତ ହୋଇଛି ?

**JUMBLE WORDS**

| | | | |
|---|---|---|---|
| 1) RIKOEO | = | 6) MRISEM | = |
| 2) TPAOOT | = | 7) CEETJ | = |
| 3) SAYET | = | 8) TMHAC | = |
| 4) RPWEI | = | 9) BRAYCB | = |
| 5) WDYEOK | = | 10) DONOEL | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ରୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଇସ୍ରୋ, ୨.ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍, ୩.ସିଲିକନ୍, ୪.ପଲି ଭିନିଲ କ୍ଲୋରାଇଡ୍, ୫.ଭିଟାମିନ୍ ବି-୧, ୬.ସୋଡିୟମ୍ ନାଇଟ୍ରେଟ୍, ୭.ମିଥେନ୍, ୮.ମୋନୋସୋଡିୟମ ଗ୍ଲୁଟାମେଟ୍, ୯.ଆଲଫା ଟୋକୋଫେରୋଲ୍, ୧୦.ଭିଟାମିନ୍-ଏ ।

***Jumble Words* ର ଉତ୍ତର :-**

(1) SWISH (2) MODEM (3) LIZARD (4) LARGER (5) YIELD
(6) TOPAZ (7) WINDOW (8) BONNET (9) WAFER (10) CEASE

## କେନ୍ଦ୍ର ବଜେଟରେ ମଧ୍ୟବିତ୍ତଙ୍କୁ...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଡିଜି ଲକରକୁ ବଜେଟରେ ପ୍ରୋତ୍ସାହନ ପ୍ରଦାନ କରାଯାଇଛି । ସେହିପରି ୫ଜି ସେବା ଆପ୍ ବିକା ଲାଗି ୧୦୦ ଲ୍ୟାବ୍ ଘୋଷଣା କରାଯାଇଛି । କେୱାଇସି ପ୍ରକ୍ରିୟାକୁ ସହଜ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖୁଛନ୍ତି । ସରକାରୀ ଏଜେନ୍ସିଗୁଡ଼ିକ ପ୍ୟାନକୁ ପରିଚୟ ପତ୍ର ଭାବେ ମାନିବେ । ଭାରତରେ ଓ ଭାରତ ପାଇଁ ଏଆଇ ବିକାଶ ଯୋଜନା ରଖାଯାଇଛି । ଶୀର୍ଷ ଶିକ୍ଷଣ ସଂସ୍ଥାନରେ ଏଆଇ ଲାଗି ୩ଟି କେନ୍ଦ୍ର ଖୋଲାଯିବ । ଇ-କୋର୍ଟର ତୃତୀୟ ପର୍ଯ୍ୟାୟ ଲାଗି ୯୭,୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ସହରାଞ୍ଚଳର ବିକାଶ ଲାଗି ବାର୍ଷିକ ୧୦ ହଜାର କୋଟି ଟଙ୍କା ଲକ୍ଷ୍ୟ ରଖାଯାଇଛି । ଭିତ୍ତିଭୂମି ବିକାଶ ଲାଗି ବଜେଟରେ ୧୦ ଲକ୍ଷ କୋଟି ଟଙ୍କା ରଖାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବଣ୍ଟନ ଚଳିତ ଥର ୬୬ ପ୍ରତିଶତ ବୃଦ୍ଧି ପାଇ ୭୯,୦୦୦ କୋଟିରେ ପହଞ୍ଚିଛି । ଦୁର୍ବଳ ଜନଜାତୀୟ ବର୍ଗ ଲାଗି ବଜେଟରେ ପିଭିଜିଟି ଯୋଜନା ଅଣାଯାଇଛି । ଏଥିଲାଗି ପ୍ରଧାନମନ୍ତ୍ରୀ ପିଭିଜିଟି ମିଶନ ଲଞ୍ଚ କରାଯିବ । ସେହିପରି ଶିକ୍ଷକ ପ୍ରଶିକ୍ଷଣକୁ ନୂଆ ରୂପ ପ୍ରଦାନ କରାଯିବ । କୃଷି ଷ୍ଟାର୍ଟଅପ ଲାଗି ଡିଜିଟାଲ ଆକ୍ସିଲେଟର ଫଣ୍ଡ ତିଆରି ହେବ । କୃଷି କ୍ଷେତ୍ରରେ ଆଧୁନିକ ଟେକ୍ନୋଲୋଜିର ବ୍ୟବହାର ବୃଦ୍ଧି ପାଇବ । ଉଦ୍ୟାନ କୃଷି ପାଇଁ ଡିଜିଟାଲ ଯୋଜନା ଭିତ୍ତିଭୂମି ପ୍ରସ୍ତୁତ କରାଯିବ । କ୍ଷୁଦ୍ର ଚାଷୀଙ୍କ ଲାଗି ସମବାୟ ମଡେଲ ପ୍ରସ୍ତୁତ କରାଯାଇଛି । ପିଏମ ମତ୍ସ୍ୟ ଲାଗି ୬,୦୦୦ କୋଟି ଟଙ୍କାର ବଜେଟ ରଖାଯାଇଛି । କୃଷି କ୍ରେଡିଟ କାର୍ଡ ୨୦ ଲକ୍ଷ କୋଟିକୁ ବୃଦ୍ଧି ପାଇବ । ସବୁଜ କୃଷି, ସବୁଜ ଉର୍ଜା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି ।

ପୂର୍ବୋତ୍ତର ରାଜ୍ୟଗୁଡ଼ିକ ଲାଗି ବଜେଟରେ ଅଧିକ ଉଦ୍ୟମ କରାଯାଇଛି । ଚଳିତ ବଜେଟରେ ଏଥିଲାଗି ୨,୪୯୧ କୋଟି ଟଙ୍କା ରଖାଯାଇଛି । ମିଶନ ମୋଡରେ ପର୍ଯ୍ୟଟନର ବିକାଶ ଲାଗି ଲକ୍ଷ୍ୟ ରଖାଯାଇଛି । ରୁପା ଉପରେ କଷ୍ଟମ ଡ୍ୟୁଟି ବୃଦ୍ଧି କରାଯାଇଛି । ଲ୍ୟାବ ନିର୍ମିତ ହୀରା ଉପରେ କଷ୍ଟମ ଡ୍ୟୁଟି ରିହାତି କରାଯାଇଛି । ଲିଥ୍ୟମ, ଆୟନ ବ୍ୟାଟେରୀ ଆମଦାନୀ ଉପରେ କୃଷ୍ଟମ ଡ୍ୟୁଟି ଛାଡ଼ କରାଯାଇଛି । କେତେକ ମୋବାଇଲ ପାର୍ଟସ ଉପରେ କଷ୍ଟମ ଡ୍ୟୁଟି ହ୍ରାସ କରାଯାଇଛି । ଏହାଦ୍ୱାରା ମୋବାଇଲ ଫୋନର ମୂଲ୍ୟ ହ୍ରାସ ପାଇବ । ଆର୍ଥିକ ନିଅଣ୍ଟ ଫିସକାଲ ଡେଫିସିଟ ଜିଡିପିର ୬.୪% ଆକଳନ କରାଯାଇଛି । ମହିଳା ସମ୍ମାନ ସଞ୍ଚୟ ପତ୍ର ଆରମ୍ଭ କରାଯିବ । ମହିଳାମାନେ ଏହି ସଞ୍ଚୟ ପତ୍ର ମାଧ୍ୟମରେ ୨ ବର୍ଷ ପର୍ଯ୍ୟନ୍ତ ୨ ଲକ୍ଷ ଟଙ୍କା ଜମା କରିପାରିବେ । ବରିଷ୍ଠ ନାଗରିକଙ୍କ ଲାଗି ସଞ୍ଚୟ ଯୋଜନା ସର୍ବୋଚ୍ଚ ସୀମା ୧୫ ଲକ୍ଷରୁ ବୃଦ୍ଧି କରାଯାଇ ୩୦ ଲକ୍ଷ କରାଯାଇଛି । ରାଜ୍ୟ ଓ କେନ୍ଦ୍ରର ପୁରୁଣା ଗାଡ଼ିଗୁଡ଼ିକୁ ବଦଳାଇବା ଲାଗି ପର୍ଯ୍ୟାପ୍ତ ପାଣ୍ଠି ବ୍ୟବସ୍ଥା କରାଯାଇଛି । ରାଷ୍ଟ୍ରୀୟ ଆର୍ଥିକ ସୂଚନା ରେଜିଷ୍ଟାର ନିର୍ମାଣ ହେବ । ଜିଆଇଏଫଟି ସହରଗୁଡ଼ିକରେ କାରବାର ସୁଗମ ଲାଗି ଅନେକ ଯୋଜନା କରାଯାଇଛି । ୪୭ ଲକ୍ଷ ବିଦ୍ୟାର୍ଥୀଙ୍କ ଲାଗି ଡାଇରେକ୍ଟ ଟ୍ରାନ୍ସଫର ସ୍କିମ ପ୍ରସ୍ତୁତ କରାଯାଇଛି । କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ଲାଗି ୯,୦୦୦ କୋଟିର କ୍ରେଡିଟ ଗ୍ୟାରେଣ୍ଟୀ ପ୍ରଦାନ କରାଯାଇଛି ।

## ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ସୁନ୍ଦରଗଡ଼ : ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ୪୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୌରାଧକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଶ୍ରୀନିବାସ ବରିହାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ପୂର୍ବତନ ନଗରପାଳ ରାଜକିଶୋର ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଛାତ୍ରୀ ରଶ୍ମେଶ୍ୱରୀ ଦେହୁରୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଛାତ୍ରୀ ସଂସଦର ଉପଦେଷ୍ଟା ସହପ୍ରାଧାପିକା ପ୍ରେରଣା ପଣ୍ଡା ପରିଚାଳନା କରିଥିଲେ । ଅଧାପକ ଡକ୍ଟର ସଞ୍ଜୟ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ନାଟ୍ୟ ସଂସଦର ଉପଦେଷ୍ଟା ଅଧାପିକା ଡକ୍ଟର ଭାନୁପ୍ରିୟା ଓ ଚାରୁଲତା ନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମହାବିଦ୍ୟାଳୟର ମୁଖପତ୍ର ଉନ୍ମୋଚିତ ହୋଇଥିଲା । ଅଧାପିକା ସଳିଲା କୁଜୁର, ସ୍ମିତାରାଣୀ ପଟେଲ ଓ ସଞ୍ଜିତା ଅଭିଜିତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଛାତ୍ରୀ ବିନି ନାୟକ ଧନ୍ୟବାଦ ଦେଇଥିଲେ ।

## ଅପରାଧୀଙ୍କ ଚରାଭୂଇଁ ସାଜିଛି ବ୍ରଜରାଜନଗର

ଝାରସୁଗୁଡ଼ା : କୋଇଲା ସମ୍ପଦ ଭରା ବ୍ରଜରାଜନଗର ମାଟି ଗୋଟିଏ ପଟେ ଆର୍ଥିକ ଅଭିବୃଦ୍ଧି ଆଣିବାରେ ସହାୟକ ହୋଇଛି ତ ଅନ୍ୟପଟେ ଅନେକ ଲୋମହର୍ଷଣକାରୀ ଏବଂ ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡ ଯୋଗୁଁ ଏକ କଳଙ୍କିତ ଇତିହାସ ସୃଷ୍ଟି କରିଛି । କୋଇଲା ପରିବହନ, ଖଣି କାର୍ଯ୍ୟକୁ ନେଇ ଟେଣ୍ଡର ଫିକ୍ସିଂଠାରୁ ଆରମ୍ଭ କରି ରାଜନୈତିକ ଓ ବ୍ୟବସାୟିକ ପ୍ରତିଯୋଗିତା ଭିତରେ ସୃଷ୍ଟି ହୋଇଥିବା ଶତ୍ରୁତା ସମଗ୍ର ଇବ୍ ଉପତ୍ୟକାକୁ ଅପରାଧୀଙ୍କ ଚରାଭୂଇଁ ଭାବେ ସଜାଇଛି । ଅପରାଧିକ ଗୋଷ୍ଠୀ ମଧ୍ୟରେ ଗ୍ୟାଙ୍ଗୱାର୍ ଠାରୁ ମାଫିଆରାଜ୍ ତଥା ରାଜନୈତିକ ଓ ବ୍ୟବସାୟିକ ଶତ୍ରୁତା ଅନେକଙ୍କ ମୃତ୍ୟୁର କାରଣ ପାଲଟିଛି । ଯେତେବେଳେ ବି ବ୍ରଜରାଜନଗର ଅଞ୍ଚଳରେ କୌଣସି ହତ୍ୟାକାଣ୍ଡ ସଂଘଟିତ ହୋଇଛି, ସେତେବେଳେ ତାହାକୁ କୋଇଲା କ୍ଷେତ୍ରରେ ଟେଣ୍ଡର ଫିକ୍ସିଂ, ଚୋରା କୋଇଲା ବ୍ୟବସାୟକୁ ନେଇ ମାଫିଆଙ୍କ ମଧ୍ୟରେ ଶତ୍ରୁତା, ରାଜନୈତିକ ପୃଷ୍ଠପୋଷକତାରେ ଖଣି ଅଞ୍ଚଳରେ ମାଫିଆଗିରି ସହ ଯୋଡ଼ି ଚର୍ଚ୍ଚା ହୁଏ । ଗତ ଜାନୁଆରୀ ୨୯ ତାରିଖରେ ହୋଇଥିବା ମନ୍ତ୍ରୀ ନବ କିଶୋର ଦାସ ହତ୍ୟା ଘଟଣାର ରହସ୍ୟ ଏପର୍ଯ୍ୟନ୍ତ ଉନ୍ମୋଚନ ହୋଇନାହିଁ । ତେବେ ନବ ଦାସ ମଧ କୋଇଲା ପରିବହନ ବ୍ୟବସାୟ ସହ ସମ୍ପୃକ୍ତ ଥିବାରୁ, ତାଙ୍କର ହତ୍ୟାକାଣ୍ଡକୁ ନେଇ ମଧ ଅନୁରୂପ ଚର୍ଚ୍ଚା କରାଯାଉଛି । କୋଇଲା ବ୍ୟାବସାୟକୁ କେନ୍ଦ୍ର କରି ୧୯୯୯ରେ ବୁଲୁ ଦାଶ ହତ୍ୟାକାଣ୍ଡରୁ ଆରମ୍ଭ ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା ଘଟଣା ପର୍ଯ୍ୟନ୍ତ ୮ଟି ବଡ଼ ମୁଣ୍ଡ ଗଡ଼ିସାରିଲାଣି ।

୧୯୯୯ ଏପ୍ରିଲ୍ ରେ କୋଇଲା ଖଣିର ଏକ ଠିକା କାର୍ଯ୍ୟ ଟେଣ୍ଡରକୁ ନେଇ ୨ ଠିକାଦାର ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ । ଯେଉଁଥିରେ ତତ୍କାଳୀନ ବ୍ରଜରାଜନଗର ସହର କଂଗ୍ରେସ ସଭାପତି ବୁଲୁ ଦାଶଙ୍କୁ ପ୍ରତିପକ୍ଷ ଗୋଷ୍ଠୀ ହତ୍ୟା କରିଥିଲେ । ଏହି ଘଟଣାରେ ସ୍ୱର୍ଗତ କାନ୍ତା ଦାଶଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା, ମାତ୍ର ସେ ବର୍ତ୍ତି ଯାଇଥିଲେ । ଏହି ଘଟଣା ପରେ ବ୍ରଜରାଜନଗରରେ ଅପରାଧିକ ଗୋଷ୍ଠୀଙ୍କୁ ଠିକାଦାର ଶ୍ରେଣୀ ତଥା ମାଫିଆମାନେ ନିଜ ସ୍ୱାର୍ଥରେ ନିୟୋଜିତ କରିବାରୁ ବହୁ ସମୟରେ ଗ୍ୟାଙ୍ଗୱାର୍ ହୋଇଛି । ପରେ ୨୦୦୩ ମେ' ୩ରେ ତତ୍କାଳୀନ ଜିଲ୍ଲା କଂଗ୍ରେସ ସଭାପତି ତଥା କୋଇଲା ବ୍ୟବସାୟୀ ସାମୁ କେଡ଼ିଆଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ସାମୁଙ୍କ ହତ୍ୟାରେ ମୁଖ୍ୟ ଅଭିଯୁକ୍ତ ଭାବେ କାନ୍ତା ଦାଶ କୋର୍ଟ ଚାଲାଣ ହୋଇଥିଲେ । ଅଭିଯୁକ୍ତ କାନ୍ତାଙ୍କୁ ୨୦୦୩ ସେପଟେମ୍ବର ୨୫ରେ ଝାରସୁଗୁଡ଼ା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର ଲାଗି ଜେଲ୍‌ରୁ ଆଣିବାବେଳେ କୋର୍ଟ କ୍ୟାମ୍ପସ୍‌ରେ ୨ ଆତତାୟୀ ବୋମା ଫିଙ୍ଗି ହତ୍ୟା କରିଥିଲେ । ସାମୁଙ୍କ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ କାନ୍ତାଙ୍କୁ ମାରି ସାମୁ ହତ୍ୟା ପଛର ବ୍ୟକ୍ତି ବା ଗୋଷ୍ଠୀ ପ୍ରମାଣ ନଷ୍ଟ କରିବାରେ ସଫଳ ହୋଇଥିଲେ । କାନ୍ତା ବଞ୍ଚିଥିଲେ ସୁପାରୀ ଦେଇଥିବା ବ୍ୟକ୍ତିଙ୍କ ମୁଖା ଖୋଲିଯିବାର ସମ୍ଭାବନା ଥିଲା । ଏଣୁ କାନ୍ତାଙ୍କୁ ହତ୍ୟା କରାଯାଇଥିବା ବିଶ୍ୱାସ କରାଯାଏ । କାନ୍ତାଙ୍କୁ ବୋମା ଫିଙ୍ଗି ହତ୍ୟା କରି ଫେରାର ମାରିବାବେଳେ ୨ ଅଜଣା ଆତତାୟୀଙ୍କୁ କୋର୍ଟ ପଛ ପାଶ୍ୱର୍ରେ ପୁଲିସ ଏନ୍‌କାଉଣ୍ଟର କରିଥିଲା । ସେହି ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ସେମାନଙ୍କ ପରିଚୟ ମିଳି ନ ଥିଲା । ୨୦୧୦ରେ ବିଧାନସଭା ପିଟିସନ କମିଟି ବିଷ୍ଣୁ ଦାସଙ୍କ ଅଧକ୍ଷତାରେ ଝାରସୁଗୁଡ଼ା ଗସ୍ତ କରି କାନ୍ତା ହତ୍ୟା ମାମଲା ରିଓପନ କରିବାକୁ ମତ ରଖିବା ପରେ ରାଜନୈତିକ ଝଡ଼ ସୃଷ୍ଟି କରିଥିଲା । କାନ୍ତା ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଆତତାୟୀଙ୍କୁ ଏନକାଉଣ୍ଟର ପ୍ରସଙ୍ଗରେ ତତ୍କାଳୀନ ଏସ୍‌ପି ଦୀପ୍ତେଶ ପଟ୍ଟନାୟକଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଥିଲା । କଂଗ୍ରେସ ନେତା ନବ ଦାସ ସେତେବେଳେ ଝାରସୁଗୁଡ଼ା ରାଜନୀତିରେ ପାଦ ଥାପି ଥିବାରୁ ତାଙ୍କ ବିରୋଧରେ ଶାସକ ଗୋଷ୍ଠୀ ଏହି ପ୍ରସଙ୍ଗକୁ ନେଇ ଘେରିବାର ପ୍ରୟାସ କରିଥିଲେ । କିଛିବର୍ଷର ବ୍ୟବଧାନ ପରେ ୨୦୦୮ ଅଗଷ୍ଟ ୧୫ ତାରିଖ ରାତିରେ ପୁଲିସ ଅଧିକାରୀଙ୍କ ଶଳା ତଥା କୋଇଲା ବ୍ୟବସାୟୀ ସ୍ୱରୂପ ଦାଶଙ୍କୁ ବ୍ରଜରାଜନଗରର ମଣ୍ଡଳୀୟାଠାରେ ବିଚ୍ ବଜାରରେ ଗଞ୍ଜାମର କୁଖ୍ୟାତ ଅପରାଧୀ ବିକ୍ରମ ମଲ୍ଲିକ ଏବଂ ସୁଶୀଳ ବେହେରା ଗୁଳି କରି ମାରିଥିଲେ । ଏହି ହତ୍ୟାକାଣ୍ଡ ମନରୁ ଲିଭି ନ ଥିବାବେଳେ ୨୦୧୦ ଜୁନ ୨୩ ତାରିଖ ରାତି ବ୍ରଜରାଜନଗରର ଟନେଲ ରୋଡ୍‌ରେ କୋଇଲା ବ୍ୟବସାୟୀ ଅର୍ଜୁନ ସିଂ ବାହାଘର ଭୋଜିରୁ ଫେରିବାବେଳେ ତାଙ୍କୁ ଅଟକାଇ ଗୁଳି ମାରି ହତ୍ୟା କରାଯାଇଥିଲା । ଏଥିରେ ସୁପାରି କିଲରଙ୍କୁ ନିୟୋଜିତ କରାଯାଇଥିବା ପୁଲିସ୍ କହିଥିଲା । ୨୦୧୯ ଜୁନ୍ ୨୪ ରାତିରେ ବ୍ରଜରାଜନଗର ବସ୍‌ଷ୍ଟାଣ୍ଡ ଠାରେ ଅମିତ ଧଳଙ୍କୁ ପ୍ରତିପକ୍ଷ ଗୋଷ୍ଠୀ ଗୁଳି କରି ମାରିଥିଲେ । ଏହି ମାମଲାରେ ସନ୍ତୋଷ ବିଶ୍ୱାଳ ଓରଫ୍ ଜିତୁ ଗ୍ୟାଙ୍ଗର ୪ ଜଣ ଗିରଫ ହୋଇଥିଲେ । ଏହା ମଧ ଗ୍ୟାଙ୍ଗୱାର୍ ଥିଲା । କୁଖ୍ୟାତ ଅପରାଧୀ ସୋନୁ ଘୋଷର ଭାଇ ମଣ୍ଟୁ ଘୋଷଙ୍କୁ ଗତ ୨୦୧୯ ନଭେମ୍ବର ୫ ତାରିଖ ରାତିରେ ବ୍ରଜରାଜନଗର ଷ୍ଟେସନ ସମ୍ମୁଖ ଏକ ହୋଟେଲ କାଉ[ର ସାମ୍‌ନାରେ ସର୍ବସମ୍ମୁଖରେ ଗୁଳି କରି ହତ୍ୟା କରାଯାଇଥିଲା । ଅମିତଙ୍କୁ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ କହିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଗତ ରବିବାର ଦିନ ନବ ଦାସଙ୍କୁ ପୁଲିସ୍ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସ କେଉଁ କାରଣରୁ ହତ୍ୟା କରିଛି, ତାହା ତଦନ୍ତକାରୀ ସଂସ୍ଥା ଏଯାଏଁ ସ୍ପଷ୍ଟ କରିନି । ମାତ୍ର ଏହି ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡ ପଛରେ କୋଇଲା ପରିବହନ ବ୍ୟବସାୟ ଜନିତ ଶତ୍ରୁତା ନା ଅନ୍ୟ କିଛି କାରଣ ରହିଛି, ତାହା ଦେଖିବାକୁ ରାଜ୍ୟବାସୀ ଅପେକ୍ଷା କରିଛନ୍ତି ।

## ମାସିକ ଋତୁସ୍ରାବ ଉପରେ ସଚେତନତା

ସୋନପୁର : ସଂପ୍ରତି ବିଜେପୁର ବ୍ଲକ ଅଧିନସ୍ଥ ପହଣ୍ଡି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ତରଫରୁ ବିଜେପୁର କଲେଜରେ ମାସିକ ଋତୁସ୍ରାବ ସମ୍ବନ୍ଧୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ପହଣ୍ଡି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁଶ୍ରୀ ଦିନମଣି ପଣ୍ଡା ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀ କୁନ୍ତଳା ମାହାଲିକ ମିଳିତଭାବେ ମହିଳା ମାନଙ୍କ ମାସିକ ଋତୁସ୍ରାବ ବିଷୟରେ ବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନା ସହ ସଚେତନତା କରିଥିଲେ ।

## ସମ୍ବଲପୁର ମହିଳା କଲେଜର ବାର୍ଷିକୋତ୍ସବ

ସମ୍ବଲପୁର : ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ଡକ୍ଟର ପ୍ରଭାବତୀ ଗୁରୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୀବନ ବଞ୍ଚିବାର କୌଶଳ ଉପରେ ଗୁରୁତ୍ୱାରୋପ କରିଥିଲେ । ଅଧକ୍ଷା ରାଜଶ୍ରୀ ବରାଳ ସ୍ୱାଗତ ଭାଷଣ ଦେଇ କଲେଜର ସମସ୍ୟା ଦୂରୀକରଣ ପାଇଁ ମୁଖ୍ୟଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଛାତ୍ରୀ ସଂସଦର ଉପଦେଷ୍ଟା ପ୍ରଫେସର ଜିତେନ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଡ. ଉମାଶଙ୍କର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ପ୍ରଫେସର ଅଖିଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ଅବସରରେ ଛାତ୍ରୀମାନଙ୍କ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଥିଲା ନାଟକ 'ପେଟେଣ୍ଟ ମେଡ଼ିସିନ୍' । ଫକୀର ମୋହନ ସେନାପତିଙ୍କ ଗଳ୍ପର ସମ୍ବଲପୁରୀ ନାଟ୍ୟ ରୂପାନ୍ତର କରିଥଲେ ପ୍ର. ଭୋଇ ଓ ନିର୍ଦ୍ଦେଶନା ଦେଇଥଲେ ନାଟ୍ୟ ସଂସଦର ଉପସଭାପତି ଅଖିଳ ବିଶ୍ୱାଳ ଓ ସହାୟତା କରିଥିଲେ ଅଧାପିକା ଡ. ଲିପିକା ମିଶ୍ର ଓ ରଞ୍ଜିତା ମାଝୀ । ଛାତ୍ରୀ ସଂସଦ, ନାଟ୍ୟ ସଂସଦ, ସାଂସ୍କୃତିକ ପରିଷଦ, ସାଧାରଣ ପ୍ରକୋଷ୍ଠ ତରଫରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଶ୍ୱକପ୍ ହକି ପାଇଁ ଆୟୋଜିତ କାର୍ଯକ୍ରମର ସଫଳ ଛାତ୍ରୀ -କଳାକାରଙ୍କୁ ସମ୍ମାନିତ କରାଯାଇଥିଲା । ଏଥି ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଶ୍ରେଷ୍ଠ କଳାକାରମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ପ୍ରାରମ୍ଭିକ ସଙ୍ଗୀତ ଗୁରୁ କୃଷ୍ଣଚନ୍ଦ୍ର ବାଗ ଓ ତାଙ୍କ ସହଯୋଗୀମାଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ପରିବେଷଣ କରିଥିଲେ । କଲେଜର ମୁଖପତ୍ର ନିଉଜ୍ ବୁଲେଟିନ୍ ମଧ ଉନ୍ମୋଚିତ ହୋଇଥିଲା ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# କିଡିଜ୍ ଫାଉଣ୍ଡେସନର ପଞ୍ଚମ ବାର୍ଷିକୋତ୍ସବ







ସମ୍ବଲପୁର : କିଡିଜ୍ ଫାଉଣ୍ଡେସନର ପଞ୍ଚମ ବାର୍ଷିକ ଓ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ସମ୍ବଲପୁର ଆଇଆଇଏମ୍‌ର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ମୁଖ୍ୟ ଅତିଥି ଓ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ରମେଶ ସାହାଙ୍କ ଅଧ୍ୟକ୍ଷତା ତଥା ମିମାଂଶା ରଥ ଓ ସୌରଭ ଷଡ଼ଙ୍ଗୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସମୃଦ୍ଧି ସାହୁ ୨୦୨୩ ବର୍ଷ ପାଇଁ ମିସ୍ କିଡିଜ୍ ଓ ଶୁଭମ ସୂର୍ଯ୍ୟାଂଶ ଅଦାବର ମାଷ୍ଟର କିଡିଜ୍ ରୂପେ ଯୋଗ୍ୟ ବିବେଚିତ ହୋଇଥିଲେ । ଅନୁଷ୍ଠାନର ଅଧ୍ୟକ୍ଷା ତମନ୍ନା ସାମନ୍ତରାୟ ସ୍ୱାଗତ ଭାଷଣ ଓ ଅନୁଷ୍ଠାନ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଇପ୍‌ସିତା ପଣ୍ଡା, ଅନୁରାଧା ଦାଶ, କଲ୍ୟାଣୀ ହୋତା, ଲକ୍ଷ୍ମୀ ଚଇନୀ, ବନ୍ଦନା ପାଣିଗ୍ରାହୀ, ନିହାରିକା ନାଥ ଓ ଯତିନ୍ଦ୍ର ବଡ଼େଇ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# ରାଧାମଦନ ଗୋପାଳ ମନ୍ଦିରରେ ୧୦୮ ଭାଗବତ ସପ୍ତାହ

ସମ୍ବଲପୁର : ସ୍ଥାନୀୟ ସାକ୍ଷୀପଡ଼ା ସ୍ଥିତ ଶ୍ରୀ ରାଧାମଦନ ଗୋପାଳ ମନ୍ଦିରରେ ଗତ ସେପ୍ଟେମ୍ବର ମାସରୁ ୧୦୮ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଆରମ୍ଭ ହୋଇଛି । ମନ୍ଦିରର ମୁଖ୍ୟ ତ୍ରିଦଣ୍ଡୀ ଭିକ୍ଷୁ ବିକେ ଦାମୋଦର ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ପର୍ଯ୍ୟନ୍ତ ୨୧ଟି ଭାଗବତ ସପ୍ତାହ ଅନୁଷ୍ଠିତ ହୋଇଯାଇଛି । ୨୧ତମ ଭାଗବତ ସପ୍ତାହରେ ସୁବର୍ଣ୍ଣପୁର ଜିଲ୍ଲାର ଟିହିକିପାଲିର ଶ୍ରୀ ମୁକୁଳ ଦାଶ ଭାଗବତ ପାରାୟଣ କରିଥିବା ବେଳେ ଲକ୍ଷ୍ମୀ ନୃସିଂହ ପାତ୍ର ଓ ତାଙ୍କ ସହଧର୍ମିଣୀ ସୁପ୍ରଭାରାଣୀ ପାତ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ସପ୍ତାହରେ ଜଣେ ଲେଖାଏଁ କର୍ତ୍ତା





ରହୁଥିବା ବେଳେ ସ୍ୱତନ୍ତ୍ର ଭାବେ ଜଣେ ବ୍ୟାସ ଭାଗବତ ପାଠ କରିଛନ୍ତି । ଏଥିରେ କର୍ତ୍ତା ହେବାକୁ ଆଗ୍ରହୀ ଭକ୍ତ ମାନେ ତ୍ରିଦଣ୍ଡୀ ଭିକ୍ଷୁ ବି.କେ ଦାମୋଦର ମହାରାଜ ମୋବାଇଲ ୯୪୩୮୩୦୮୦୧୪ କିମ୍ବା ଶ୍ରୀ ପାଦ ହରିଦାସ ପ୍ରଭୁଙ୍କ ମୋବାଇଲ ୯୬୫୮୭୦୪୧୨୩ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ଭାରତ ଯୋଡ ଯାତ୍ରା ପାଇଁ ବୁର୍ଲାରେ ମେଗା ରକ୍ତଦାନ ଶିବିର





ବୁର୍ଲା: କଂଗ୍ରେସର ଭାରତ ଯୋଡ଼ ଯାତ୍ରା ଅବସରରେ ସ୍ଥାନୀୟ ଇନ୍ଦିରା କ୍ଲବ ଓ ତ୍ୟାଗ ପକ୍ଷରୁ ଆୟୋଜିତ ମେଗା ରକ୍ତଦାନ ଶିବିରରେ ଶତାଧିକ ରକ୍ତଦାତା ରକ୍ତଦାନ କରିଥିଲେ । ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଭାରତ ଯୋଡ ଯାତ୍ରାର ସ୍ୱତନ୍ତ୍ର ସାର୍ଟିଫିକେଟ ଦେଇ ସମ୍ମାନିତ କରିଥିଲେ । ପିସିସି ସମ୍ପାଦକ ଦୁର୍ଗା ପାଢ଼ୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ 'ତ୍ୟାଗ'ର ପୃଷ୍ଠପୋଷକ ଶ୍ରୀ ଶିବ ପାଢ଼ୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ! ସ୍ୱତନ୍ତ୍ର ଅତିଥି ରୂପେ ପୂର୍ବତନ ସିନେଟ ସଭ୍ୟ କାଲୁ ସ୍ୱାଇଁ, ଶ୍ରୀ ହରଦୀପ ସିଂ, ଶ୍ରୀ ଅରୁଣ କୁମାର ମହାକୁଡ଼, ଶ୍ରୀମତୀ ନମିତା ଦାସ, ବୁର୍ଲା ନଗର କଂଗ୍ରେସର ପୂର୍ବତନ ସଭାପତି ଗିରିଜା ନାୟକ ଓ ଶିବ ଦଳାଇ, ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ ଦେବତା ପ୍ରମୁଖ ଯୋଗ ଦେଇ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ଡକ୍ଟର ସନ୍ତୋଷ କାନୁନଗୋ, ଲାଲୁ ବିଶ୍ୱାସ, ଦଶରଥ ଦାସ, ବିରଞ୍ଚି ମହାପାତ୍ର, ମୁନା ମେହେର, ଅଭିଷେକ ମିଶ୍ର, ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ, ଶିବ ସେଠୀ ପ୍ରମୁଖ ଏହି ମେଗା ଶିବିର ପରିଚାଳନା କରିଥଲେ ।

# ପ୍ରଫେସର ଗଣପତି ପଣ୍ଡା ସମ୍ବର୍ଦ୍ଧିତ



ବୁର୍ଲା: ଭିଏସଏସୟୁଟି ପରିସରରେ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରୋନିକ୍ସ ଏବଂ ଟେଲିକମ୍ୟୁନିକେସନ୍ ବିଭାଗର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । କୁଳପତି ପ୍ରଫେସର ବଂଶୀଧର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟଶ୍ୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଚାନ୍ଦିପୁର ଆଇଟିଆରର ନିର୍ଦ୍ଦେଶକ ଡ. ଏଚ୍ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ପ୍ରଫେସର ଗଣପତି ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉତ୍ସବର ସଂଯୋଜକ ବିଭାଗୀୟ ମୁଖ୍ୟ ପ୍ରଫେସର ହରିଶ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୀଳମଣି ଭୋଇଙ୍କ ସହିତ ଅନ୍ୟାନ୍ୟ ଅଧାପକ ଓ କର୍ମଚାରୀ, ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ୧୯୭୨ ମସିହାରେ ଇଲେକ୍ଟ୍ରୋନିକ୍ସ ଏବଂ ଟେଲିକମ୍ୟୁନିକେସନ ବିଭାଗ ଖୋଲିଥିଲା । ଚଳିତ ବର୍ଷ ଏହି ବିଭାଗ ଗୌରବମୟ ୫୦ ବର୍ଷ ପୂରଣ କରିଛି । ଏହି ଅବସରରେ ପୁରାତନ ଛାତ୍ରମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ରଛାତ୍ରୀ ସେମାନଙ୍କ କଲେଜ ଜୀବନରେ ଘଟିଥିବା ଅନେକ ସ୍ମରଣୀୟ ଘଟଣାବଳୀଙ୍କୁ ସମସ୍ତଙ୍କ ମଧ୍ୟରେ ବାଣ୍ଟିଥିଲେ ।

# ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କଲେ ଝାରସୁଗୁଡ଼ା ଜିଲ୍ଲାପାଳ

ଝାରସୁଗୁଡ଼ା: ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ ଯୋଜନା ଅନ୍ତର୍ଗତ ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟରେ ସାରିବାକୁ ଜିଲ୍ଲାପାଳ ସରୋଜ କୁମାର ସାମଲ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ପରିଷଦ ସଦଭାବନା ଗୃହରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ସମସ୍ତ ପୌରପରିଷଦ ଓ ପଞ୍ଚାୟତ ସମିତି ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା ଅବସରରେ ଜିଲ୍ଲାପାଳ ସମସ୍ତ ପୌରଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୌରାଞ୍ଚଳରେ ପକ୍କା ସଡ଼କ ନିର୍ମାଣ, ଷ୍ଟ୍ରିଟ ଲାଇଟ, ନାଳ, ବସ୍ତି ଅଞ୍ଚଳ ଉନ୍ନୟନ ସହ ଘରୋଇ ପାଇଖାନା ନିର୍ମାଣ ଓ ବିଦ୍ୟୁତ ସଂଯୋଗ ଏବଂ ପାନୀୟ ଜଳ ଯୋଗାଣ ସ୍ଥିତି ସମୀକ୍ଷା କରିଥିଲେ ।

ସେହିପରି ସହରରେ ଥିବା ରାସ୍ତା, ଖାଲି ସ୍ଥାନ



ମାନଙ୍କରେ ବିକାଶ, ରାଜସ୍ୱ ଆଦାୟ ସମ୍ପର୍କରେ ମଧ ସମୀକ୍ଷା କରି ଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ ଓ ମୁକ୍ତା ( ମୁଖ୍ୟମନ୍ତ୍ରୀ କର୍ମ ତତ୍ପରତା ଅଭିଯାନ) ରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପଚାରି ବୁଝିବା ସହ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ । ଜାତୀୟ ସହରାଞ୍ଚଳ ଜୀବିକା ମିଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା, ବ୍ୟାଙ୍କ ଲିଙ୍କେଜ ଆଦି ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପଲିଥିନ ବ୍ୟବହାର ନିଷିଦ୍ଧ ଲାଗି ନିୟମିତ ଚଢ଼ଉ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ସେହିପରି ବ୍ଲକରେ ଚାଲିଥିବା ଉନ୍ନୟନ କାର୍ଯ୍ୟକ୍ରମର ମଧ ସମୀକ୍ଷା କରାଯାଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମାଞ୍ଚଳ), ଗୃହ ଯୋଗାଣ ଆଦିର ସମୀକ୍ଷା କରି ଯୋଜନା ଅନ୍ତର୍ଗତ ଗୃହ ନିର୍ମାଣ କେଉଁ ସ୍ଥିତିରେ ଅଛି ବୁଝିବା ସହ ସମସ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୫-ଟି ଅନ୍ତର୍ଗତ ସ୍କୁଲ ଗୁଡ଼ିକରେ ସ୍ମାର୍ଟ କ୍ଲାସ, ଇ ଲାଇବ୍ରେରୀ, ପାଇଖାନା ନିର୍ମାଣ ଆଦି କାର୍ଯ୍ୟର ସମୀକ୍ଷା କରିଥିଲେ । ଅଙ୍ଗନବାଡ଼ି କେନ୍ଦ୍ର ଓ ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ କହିଥିଲେ । ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ, ପ୍ରବନ୍ଧକ ନିର୍ଦ୍ଦେଶକ ଆଲୋମଣୀ ସେଠୀ, ସମସ୍ତ ପୌର ଅଧିକାରୀ ଓ ଗୋଷ୍ଠୀ ଅଧିକାରୀଙ୍କ ସମେତ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra